## ସଂକ୍ଷେପରେ

### ଆକ୍ରମଣରେ ୨ ଭାଇ ଗୁରୁତର

**ଧର୍ମଶାଳା,୭।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ଅଭୟପୁର ପଞ୍ଚାୟତ ଦିଗାମ୍ବରପୁର ଗ୍ରାମରେ ଜମି ସମସ୍ୟାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ଗୋଟିଏ ପକ୍ଷର ଭୁଜାଲି ଆକ୍ରମଣରେ ଦୁଇ ଭାଇ ଗୁରୁତର ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି।

ସୂଚନା ଅନୁଯାୟୀ, ଦିଗାମ୍ବରପୁର ଗ୍ରାମର ଶଶା ଖଟୁଆ ୨ଜଣଙ୍କୁ ବିବାହ କରିଛନ୍ତି। ତାଙ୍କ ପ୍ରଥମ ସ୍ତ୍ରୀଙ୍କଠାରୁ ସେହି ଗ୍ରାମର ମାୟାଧର ଖଟୁଆ ଗାଁ ନିକଟରେ ଥିବା ଏକ ଜମି କିଣିଥିଲେ। ତହସିଲରୁ ପଟ୍ଟା ହାସଲ ପରେ ରବିବାର ମାୟାଧର ଓ ତାଙ୍କ ୨ ପୁଅ କବି ଖଟୁଆ(୩୬), ଛବି ଖଟୁଆ ଉକ୍ତ ଜମିରେ କାମ କରୁଥିଲେ। ଏହା ଦେଖି ଶଶାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ଚଇନ ଖଟୁଆ ସେମାନଙ୍କୁ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଚଇନ କବି ଓ ଛବି ୨ ଭାଇଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ଦୁଇ ଭାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ମହୁ ଲଠାରେ ଭୋକ ମେଣ୍ଟୁଛି

**ଦୟନୀୟ ଅବସ୍ଥାରେ ମହ୍ଲାର ବସ୍ତିର ଜନଜାତି ପରିବାର**

■ ସରକାରୀ ଯୋଜନା ପହଞ୍ଚି ପାରୁନି

**କାଳିଆପାଣି,୭।୪(ଅସିତ ମହାନ୍ତ):**



ମହ୍ଲାର ବସ୍ତିରେ ଥିବା ଏକ ଘର।

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅଧୀନ କଅଁାସ ପଞ୍ଚାୟତ ବିଟ ସାହି ମହ୍ଲାର ବସ୍ତିର ଜନଜାତି ପରିବାର ବହୁ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ସରକାର ଗରିବ ଓ ଅସହାୟଙ୍କ ପାଇଁ ବହୁ ଯୋଜନା କରିଛନ୍ତି। ମାତ୍ର ପ୍ରଶାସନିକ ଅବହେଳା ଯୋଗୁ ଏସବୁ ଯୋଜନା ସେମାନଙ୍କ ପାଖରେ ପହଞ୍ଚି ପାରୁନି। ଏପରି କି ସରକାରଙ୍କ ମୌଳିକ ଅଧିକାରରେ ଉପଲବ୍ଧ ସୁବିଧା ମଧ୍ୟ ମିଳିପାରୁନି। ଫଳରେ ପେଟର ଭୋକ ମେଣ୍ଟେଇବାକୁ ଜଙ୍ଗଲରେ ମିଳୁଥିବା ମହୁ ଲଠା ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡୁଛି। ଦୁଇ ଓଳି ଭାତ ଖାଇବାକୁ ମିଳୁ ନ ଥିବାରୁ ଜଙ୍ଗଲରୁ ସଂଗ୍ରହ ହେଉଥିବା କନ୍ଦା, ଖଜୁରି କନ୍ଦା, ପିତା ଆଳୁ ସହ ମହୁ ଲଠାରେ ଏମାନେ ଭୋକ ମେଣ୍ଟାଉଛନ୍ତି। ଘର କହିଲେ ଝାଟି ଓ କାଠରେ ଘେରା ଏକ କଳା ପଲିଥିନର ତିନିକଣିଆ ପଲା କୋଠରି। ଏହି ପଲା କୋଠରିରେ ଅତି ଦୟନୀୟ ଅବସ୍ଥାରେ ୧୨ ପରିବାର ବସବାସ କରୁଛନ୍ତି। ବହୁ ସମୟରେ ଗଣମାଧ୍ୟମରେ ମହ୍ଲାରମାନଙ୍କ ସମସ୍ୟା ସମ୍ପର୍କରେ ଖବର ପ୍ରକାଶିତ ହେଉଥିଲେ ବି ସେମାନଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ।

୨୦୨୦ରେ ଖବର ପ୍ରକାଶ ପରେ ଟାଟା ଷ୍ଟିଲ କମ୍ପାନୀ ପକ୍ଷରୁ ଘର ଛପର ପାଇଁ ସେମାନଙ୍କୁ ପଲିଥିନ ଯୋଗାଇ ଦିଆଯାଇଥିଲା। ସେ ସମୟରେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମହ୍ଲାର ବସ୍ତିକୁ ଯାଇ ଘର ଓ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ଘର ମିଳିବା ସ୍ୱପ୍ନ ହୋଇ ରହିଯାଇଛି। ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ ସମସ୍ତ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଚେଷ୍ଟା କରିଥିବାବେଳେ ୪ ଜଣ ସାମିଲ ହୋଇ ପାରିଥିଲେ। ଅନ୍ୟମାନେ ଅଦ୍ୟାବଧି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ଜଙ୍ଗଲ ସଂଲଗ୍ନରେ ବସ୍ତି କରି ସେମାନେ ରହୁଥିଲେ ମଧ୍ୟ ଜଙ୍ଗଲ ଜମି ଅଧିକାର ଆଇନରେ ଜମି ପଟ୍ଟା ମିଳି ପାରୁନାହିଁ। ମହ୍ଲାରଙ୍କ ସମସ୍ୟା ଉପରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ପୂର୍ବତନ ସରପଞ୍ଚ ସାହୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସୁକିନ୍ଦା ବିଡିଓ ଅଭିଷେକ ସ୍ୱାଇଁଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ ଗ୍ରହଣ କରି ନ ଥିଲେ।

## ଦେବୀଗଡ଼ା ମା' ରକ୍ଷାକାଳୀଙ୍କ ବାର୍ଷିକୋତ୍ସବ

**ଯାଜପୁର ଟାଉନ,୭।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ସହରର ଦେବୀଗଡ଼ା ମା'ରକ୍ଷାକାଳୀଙ୍କ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଚୈତ୍ରମାସ ଅମାବାସ୍ୟା ତିଥିରେ ମା' ପୂଜା ପାଇଥାଆନ୍ତି। ଶନିବାର ରାତିରେ ମା'ଙ୍କ ପୀଠରେ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇ ରବିବାର ବିସର୍ଜନ କରାଯାଇଛି। ରୀତିନୀତି ମୁତାବକ ୧୦୦୮ ଆହୁତି ପ୍ରଦାନ କରାଯାଇଥିଲା। ମା'ଙ୍କ ଦର୍ଶନ ନିମନ୍ତେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମରେ କର୍ଣ୍ଣାଟ କେଶରୀ ଦାସ, ସରୋଜ କୁମାର ମହାପାତ୍ର ଓ ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। କମିଟି ସଭାପତି ପ୍ରବୀର ରାୟ, ସମ୍ପାଦକ ହରିହର ବେହେରା, ଉପସଭାପତି ପ୍ରଶାନ୍ତ ଖୁଣ୍ଟିଆ, ରାଜୀବ ମହାନ୍ତି, ସମରଜିତ ମହାନ୍ତି, ରୁଦ୍ରନାରାୟଣ ମହାନ୍ତି, ଶଙ୍କର୍ଷଣ ବେହେରା, ଉମାକାନ୍ତ ପରିଡ଼ା,



ଶଙ୍କର୍ଷଣ ସାହୁ, ଦିଲୀପ ହାଲଦାର, ଦିଲୀପ ନାୟକ, ଶ୍ରୀନିବାସ ପତି, ଉମାକାନ୍ତ ସାମନ୍ତ, ତାରିଣୀ ବେହେରା, ଶୁଭମ୍ ଖୁଣ୍ଟିଆ, ଛବିନାରାୟଣ ସେଠୀ, ସୀତାକାନ୍ତ ପତି ଓ ଦୁଲାଲ ହାଲଦାର ପ୍ରମୁଖ ଉତ୍ସବକୁ ସଞ୍ଚାଳନ କରିଥିଲେ।

## ଯୋଗ ସାଧନା ସମାଜ ନିର୍ମାଣ ପ୍ରଶିକ୍ଷଣ ଶିବିର

**ଯାଜପୁର ଟାଉନ,୭।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ବିଶ୍ୱ ଆଧ୍ୟାତ୍ମିକ ଓ ସମାଜ ସେବା ସଂଗଠନ 'ଆନନ୍ଦ ମାର୍ଗ' ତରଫରୁ ଏକ ଦିବସୀୟ ଯୋଗ ସାଧନା ଓ ସମାଜ ନିର୍ମାଣ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ମିଶନ୍ ଶକ୍ତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦ ମାର୍ଗର ଆନ୍ତର୍ଜାତିକ ଯୋଗ ବିଶେଷଜ୍ଞ ଆଚାର୍ଯ୍ୟ ଜୟଦୀପାନନ୍ଦ ଅବଧୂତ, ଅବଧୂତୀକକ୍ଷ ଆନନ୍ଦ ସୁଧୀରକ୍ଷ ଆଚାର୍ଯ୍ୟ ଏବଂ ସଂଗଠନର ବରିଷ୍ଠ କର୍ମକର୍ତ୍ତା କାହ୍ନୁ ଚରଣ ବେହୁରା ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଶିବିର ଉଦ୍‌ଘାଟନୀ ଅଧିବେଶନରେ ଯାଜପୁରର ବିଶିଷ୍ଟ ବୁଦ୍ଧିଜୀବୀ ଡାକ୍ତର ରାଜକିଶୋର ପଣ୍ଡା ମୁଖ୍ୟଅତିଥି ଏବଂ ଯୁବ ସାମାଜିକ କର୍ମୀ ସତ୍ୟରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରିଥିଲେ। ଆନନ୍ଦ ମାର୍ଗର ଯାଜପୁର ଜିଲା ଶାଖା ସଭାପତି ଅଧ୍ୟାପିକା ଅନୁସୂୟା ପାତ୍ରଙ୍କ ନେତୃତ୍ୱରେ ପରିଚାଳିତ ଏହି ଶିବିରରେ ଜିଲାର ପ୍ରାୟ ୮ ବ୍ଲକ୍‌ରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀ ଭାବେ ଜିଲାର ପ୍ରମୁଖ ମହାବିଦ୍ୟାଳୟ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନରୁ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର, ଯୁବ ସାମାଜିକ କର୍ମୀ ଶିବିରରେ ଅଂଶଗ୍ରହଣ କରିଥିଲେ। ସଂସ୍ଥାର ବରିଷ୍ଠ କର୍ମକର୍ତ୍ତା ସୁଶ୍ରୀ ବନ୍ଦିତା ଦାସ, ତାରାକାନ୍ତ ଆଚାର୍ଯ୍ୟ, ତିଲୋତ୍ତମା ସେଠୀ, ରଶ୍ମିରଞ୍ଜନ ଦାସ୍, କୃଷ୍ଣଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ସାହୁ, ସୁନୀତା ଦାସ, ରଶ୍ମିତା ଜତି, ସନ୍ତୋଷୀ ନନ୍ଦ, ଅର୍ଚ୍ଚନା ସାମଲ, ସୁଶ୍ରୀ ଶେଫାଳୀ ଓ ପ୍ରଶାନ୍ତ ପଢ଼ିଆରୀ ପ୍ରମୁଖ ଶିବିରର ସଫଳ ପରିଚାଳନା କରିଥିଲେ।




ଯୋଗ ସାଧନା, ସମାଜ ନିର୍ମାଣ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

## ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ

**ଯାଜପୁର ଟାଉନ,୭।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜର ରାଜ୍ୟସ୍ତରୀୟ ତୃତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ବସନ୍ତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘ ସଭାପତି ଦେବେନ୍ଦ୍ର ନାଥ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଯୁବ ସଂଗଠନ ସମ୍ପାଦକ ବିନୋଦ ସାହୁ, ଜିଲା ଆବାହକ ନରେନ୍ଦ୍ର ସାହୁ , ରାଜ୍ୟ ଉପସଭାପତି ସୁନୀଲ କୁମାର ସାହୁ, ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ମଧୁ ବୈଶ୍ୟ ସମାଜର ଆବଶ୍ୟକତା ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମାଜ ପକ୍ଷରୁ ଆଗାମୀ ଦିନରେ ଅନେକ ସମାଜ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶ୍ରୀକାନ୍ତ କୁମାର ସାହୁ, ମୁଖ୍ୟ ଆବାହକ ବସନ୍ତ ପାତ୍ର, ମୁଖ୍ୟ ସଂଯୋଜକ ଧୀରେନ୍ଦ୍ର କୁମାର ସାହୁ, ଜିଲା ସଂଯୋଜକ ପ୍ରତାପ ଚନ୍ଦ୍ର ପାତ୍ର, ଡ. ଅନ୍ତର୍ଯ୍ୟାମୀ ସାହୁ, ରଘୁନାଥ ପାତ୍ର, ସୁନାକର ସାହୁ, ପ୍ରଶାନ୍ତ କୁମାର ସାହୁ, ଭକ୍ତ ସାହୁ, ବୀର ସାହୁ ଓ ମଣ୍ଟୁ ସାହୁ ପ୍ରମୁଖ ଯୋଗଦେଇ ସମାଜ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ମାନ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ବହୁ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଭ୍ୟ ଯୋଗ ଦେଇଥିଲେ।



ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

## ଧନତ୍ରୀ ବାଲି ଖାଦାନକୁ ନେଇ ଥାନା ଘେରାଉ



ଧନିତ୍ରୀ ଗ୍ରାମବାସୀ ପାଣିକୋଇଲି ଥାନା ଘେରାଉ କରିଛନ୍ତି।

■ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ଅଟକ

■ ପୋଲିସ ବିରୋଧରେ ନାରାବାଜୀ

**ପାଣିକୋଇଲି,୭।୪(ବିକାଶ ମଲ୍ଲିକ):**

ବ୍ୟାସନଗର ତହସିଲ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବୈତରଣୀ ନଦୀର ଧନତ୍ରୀ ବାଲି ଖାଦାନକୁ ନେଇ ଲିଜଧାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଛି। ଶନିବାର ରାତିରେ କେତେଜଣ ଗ୍ରାମବାସୀ ଓ ବାଲି ମାଫିଆଙ୍କ ମଧ୍ୟରେ ବଚସା ହୋଇଛି। ଏନେଇ ରବିବାର ଗ୍ରାମବାସୀ ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ସେଠାରେ ପୋଲିସ କେତେଜଣଙ୍କୁ ଅଟକ ରଖିଛି। ଏହି ଖବର ପାଇ ଗ୍ରାମର ପୁରୁଷ ଓ ମହିଳା ପହଞ୍ଚି ଥାନା ଘେରାଉ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିଥିଲା।

ସୂଚନା ମୁତାବକ, ଗରମରୁ ରକ୍ଷା ପାଇବା ଲାଗି କେତେଜଣ ଗ୍ରାମବାସୀ ନଦୀ ଶଯ୍ୟାରେ ଶୋଇଥିବାବେଳେ କୌଣସି କାରଣକୁ ନେଇ ବାଲି ମାଫିଆ ଓ ଉକ୍ତ ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ପୋଲିସ ଉପସ୍ଥିତିରେ ମାଫିଆମାନେ ଜେସିବିର ବକେଟକୁ ଘୁରାଇଥିଲେ। ଫଳରେ ଗ୍ରାମର ତିନି ଜଣ ବ୍ୟକ୍ତି ସୁବ୍ରତ ସାହୁ, ଦୀପକ ସାହୁ ଓ ମଧୁସୂଦନ ରାଉତ ଆହତ ହୋଇଥିଲେ। ପୋଲିସ ଉଭୟପକ୍ଷଙ୍କୁ ଥାନାକୁ ଆସି ଅଭିଯୋଗ କରିବା ଲାଗି କହି ଫେରିଆସିଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ଗ୍ରାମର ନଗେନ୍ଦ୍ର ନାରାୟଣ ସ୍ୱାଇଁ, ଶ୍ରୀରାମ ଚରଣ ସାହୁ, ମନୋରଞ୍ଜନ ସାହୁ, ବୁବୁ ସାହୁ, ପ୍ରଶାନ୍ତ କୁମାର ସାହୁ, ବିରଞ୍ଚି ନାରାୟଣ ସ୍ୱାଇଁ, ସତ୍ୟବ୍ରତ ସାହୁ, ଶ୍ରୀନୀବାସ ସାହୁ, ବିଦ୍ୟାଧର ସାହୁ, ହେମନ୍ତ କୁମାର ସାହୁ ଓ ବିଶ୍ୱନାଥ ସାହୁ ପମୁଖ ଥାନାକୁ ଅଭିଯୋଗ ଦାଖଲ କରିବାକୁ ଆସିଥିବାବେଳେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ଉକ୍ତ ଖବର ପ୍ରଚାରିତ ହେବା ପରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଆସି ଥାନା ଘେରାଉ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଯାଜପୁର ରୋଡ୍ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଞ୍ଜୟ କୁମାର ପଟ୍ଟନାୟକ ଗ୍ରାମବାସୀଙ୍କ ସହିତ ଆଲୋଚନା ନ କରି ଓଲଟି ସେମାନଙ୍କୁ ଗାଳିଗୁଲଜ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଓ ଯାଜପୁର ରୋଡ୍ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପଟ୍ଟନାୟକଙ୍କ ବଦଳି ଓ ସସପେଣ୍ଡ ଦାବି କରିବା ସହିତ ପୋଲିସ ବିରୋଧରେ ନାରାବାଜୀ ଦେଇଥିଲେ।

## ନାବାଳିକାଙ୍କୁ ଅପହରଣ କଲେ ନାବାଳକ ପ୍ରେମିକ

**ପାଣିକୋଇଲି,୭।୪(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନାବାଳକ ପ୍ରେମିକ ଅପହରଣ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। ପରେ ନାବାଳିକାଙ୍କୁ ଯାଜପୁରସ୍ଥିତ ସ୍ୱଧାରଗୃହ ଓ ନାବାଳକଙ୍କୁ ଅନୁଗୋଳସ୍ଥିତ ସ୍ୱଧାର ଗୃହକୁ ପଠାଇଛି। ସମ୍ପୃକ୍ତ ନାବାଳିକାଙ୍କ ସହିତ ନାବାଳକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଗତ ମାସ ୨୭ ତାରିଖ ରାତିରେ ନାବାଳକ ଜଣକ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ଜେଜେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୪ ତାରିଖରେ ପୋଲିସ ନାବାଳିକାଙ୍କୁ ତାଙ୍କ ପ୍ରେମିକଙ୍କ ଘରୁ ଉଦ୍ଧାର କରିଥିଲା।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**ବ୍ରହ୍ମବରଦା,୭।୪ (ଯଯାତି କେଶରୀ ବେହେରା):**

କାଳବୈଶାଖୀ ପ୍ରଭାବରେ ରବିବାର ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସନ୍ଧ୍ୟାରେ ଘଣ୍ଟାକୁ ୮୦ରୁ ୧୦୦ କିଲୋମିଟର ବେଗରେ ପବନ ବହିଛି। ଫଳରେ ବ୍ରହ୍ମବରଦା ମାଛ ମାର୍କେଟ ନିକଟରେ ଥିବା ଏକ ୧୦୦ ବର୍ଷର ପୁରୁଣା ବରଗଛ ସମ୍ପୂର୍ଣ୍ଣ ଉପୁଡ଼ି ପଡ଼ିଛି। ବ୍ରହ୍ମବରଦା-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତା ଉପରେ ଏହି ଗଛ ଉପୁଡ଼ି ପଡ଼ିବାରୁ ଯାତାୟାତ ଏକ ପ୍ରକାର ଠପ ହୋଇଯାଇଛି। ଏହାବ୍ୟତୀତ ଉକ୍ତ ଗଛ ନିକଟରେ ପୂର୍ବରୁ ଛିଡ଼ା ହୋଇଥିବା ପରମେଶ୍ୱର ସାମଲଙ୍କ ଅଟୋ ସମ୍ପୂର୍ଣ୍ଣ ଚେପା ହେବା ସହ ମାଛ ମାର୍କେଟ ନିକଟରେ ଥିବା ସାଧବ ସାହିର ଲୋକନାଥ ଓଝାଙ୍କ ଏକ ଦୋକାନ ଭାଙ୍ଗି ଯାଇଛି। ବିଜୁଳି ଘଡ଼ଘଡ଼ି ହେବାରୁ ବହୁ ବ୍ୟକ୍ତିଙ୍କ ବୈଦ୍ୟୁତିକ ସମାଗ୍ରୀ ପୋଡ଼ିଯାଇଛି। ଏହାଛଡ଼ା ବହୁ ବ୍ୟକ୍ତିଙ୍କ ଘରର ଚାଳ, ଛପର ଓ କର୍କଟ ଉଡ଼ିଯାଇଛି। ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି।



କାଳବୈଶାଖୀରେ ଏକ ବରଗଛ ଡାଳପଡ଼ି ଅଟୋ ଚେପା ହୋଇଯାଇଛି।

# ମିଳିମିଶି ଲଢ଼ିବାକୁ ଆହ୍ୱାନ

**ବଡ଼ଚଣା କଂଗ୍ରେସର ନିର୍ବାଚନୀ ପ୍ରସ୍ତୁତି ବୈଠକ**





ଲଙ୍ଗୁଳୀ ମଠ ପରିସରରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୭।୪(ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କିଏ ପ୍ରାର୍ଥୀ ହେବେ ସେ ନେଇ ଘୋଷଣା ହୋଇନାହିଁ। ଏହା ମଧ୍ୟରେ ସମସ୍ତ ପୁରୁଖା କର୍ମୀଙ୍କୁ ନେଇ ରବିବାର ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦରେଶ୍ୱର ନିକଟ ଲଙ୍ଗୁଳୀ ମଠ ପରିସରରେ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି ଯୋଗଦେଇ ସମସ୍ତ କର୍ମୀ ଲୋକଙ୍କ ନିକଟରେ ପହଞ୍ଚି କଂଗ୍ରେସର ଇସ୍ତାହାର ସମ୍ପର୍କରେ ଜଣାଇବା ସହ ଭାଜପା ଓ ବିଜେଡିର ବିଫଳତା ସମ୍ପର୍କରେ ବୁଝାଇବାକୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇ ଆଗାମୀ ନିର୍ବାଚନରେ ଲଢ଼େଇ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଭାଜପା ସରକାର କିଭଳି ଗଣତନ୍ତ୍ରକୁ ହତ୍ୟା କରୁଛି ସେଥିନେଇ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସଞ୍ଜୟ କୁମାର ରାୟ, ବିଶ୍ୱପ୍ରକାଶ ସାମଲ, ଚର୍ଚ୍ଚିତ ମହାଲା, ସମିତିସଭ୍ୟ ଧର୍ମଜିତ ବଳ, ବଡ଼ଚଣା ବିକାଶ ପରିଷଦ ଅଧ୍ୟକ୍ଷ ଚିନ୍ମୟ ପ୍ରଧାନ, ସେକ ରିୟାସତ ଅଲ୍ଲି, ସେକ୍ ମସବିତ, ମାନଗୋବିନ୍ଦ ଦାସ, ଖଗେଶ୍ୱର ଜେନା, ରବୀନ୍ଦ୍ର କୁମାର ରାଉତ, ମାନଗୋବିନ୍ଦ ରାଉତ, ମହିଳା ସଭାନେତ୍ରୀ ନିରୁପମା ସାହୁ, ପୂର୍ଣ୍ଣିମା ସାହୁ, ରମେଶ ଚନ୍ଦ୍ର ଗଡ଼ନାୟକ, ନିରଞ୍ଜନ ସାମଲ, ରାକେଶ କୁମାର ବାରିକ, ମହନି ମହାନ୍ତି, ଆଶିଷ ଧଳ, ତ୍ରୈଲୋକ୍ୟ କୁମାର ନାୟକ, ପ୍ରଦୀପ କୁମାର ମହାନ୍ତି, ଗଗନ ବିହାରୀ ପରିଡ଼ା, ଦିଲୀପ କୁମାର ରାଉତ, କୃଷ୍ଣଚନ୍ଦ୍ର ପଣ୍ଡା, ତପନ ଦାସ, ଅଶୋକ କୁମାର ରାଉତ, ସରୋଜ କୁମାର ଜେନା, ପ୍ରବୀର ବଳ, ସୁଧୀର କୁମାର ଦାସ, ସଞ୍ଜୟ କୁମାର କର ଓ ଚନ୍ଦ୍ରମଣି ମଲ୍ଲିକ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ଏକ ସାଥିରେ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲେ। ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ମଙ୍ଗ ଧରିଥିବା କ୍ୟାପଟେନ ରାଜନାରାୟଣ ମହାପାତ୍ର ମାର୍ଚ୍ଚରେ ଦଳରୁ ଇସ୍ତଫା ଦେଲା ପରେ ବଡ଼ଚଣାରେ କଂଗ୍ରେସ ଏକ ପ୍ରକାର ମୁରବିଶୂନ୍ୟ ହୋଇ ପଡ଼ିଥିଲା।

# ଜଳ ପରିଚାଳନାରେ ତ୍ରୁଟି, ଚାଷୀ ହତାଶ

**ପଟ୍ଟାମୁଣ୍ଡାଇ,୭।୪ (କଳ୍ପତରୁ ନାୟକ)**

ରାଜ୍ୟରେ ଏକଦା ମନ୍ତ୍ରୀପଡ଼ା ଭାବେ ପରିଚିତ ଲାଭ କରିଥିବା କେନ୍ଦ୍ରାପଡ଼ା ଜିଲାର ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ଆଜି ବି ଶିଳ୍ପ ବିହୀନ ଅବସ୍ଥାରେ ପଡ଼ିରହିଛି। ଜିଲାର ଶତକଡା ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ଶିକ୍ଷିତ ଯୁବତୀଯୁବକମାନେ ନିଯୁକ୍ତି ଅଭାବରୁ ବେକାର ହୋଇ କୌଣସି କାମଧନ୍ଦା ନ ପାଇ ରାଜ୍ୟ ବାହାରକୁ ଯାଉଥିବା ବେଳେ ଶ୍ରମିକ ଶ୍ରେଣୀର ଲୋକମାନେ ଦାଦନ ଖଟିବା ପାଇଁ ମଧ୍ୟ ବାହାର ରାଜ୍ୟ ଓ ଦେଶକୁ ଯାଉଛନ୍ତି। ଯେଉଁମାନେ କୃଷି ଉପରେ ଭରସା କରି ନିଜର ଆଗାମୀ ଭବିଷ୍ୟତ ଓ ତେଲଲୁଣର ସଂସାରକୁ ଗଢ଼ିବା ପାଇଁ ସ୍ୱପ୍ନ ଦେଖୁଛନ୍ତି ସେମାନେ ମଧ୍ୟ ବହୁ ସମୟରେ ହତାଶ ହେଉଛନ୍ତି। ଠିକ୍ ଜଳ ପରିଚାଳନା ଅଭାବ ସାଙ୍ଗକୁ କୃଷି ସାମଗ୍ରୀର ଉଚିତ ଦର ମିଳୁ ନାହିଁ। ଶୀତଳଭଣ୍ଡାର ଅଭାବରୁ ଅଧିକାଂଶ ସମୟରେ ଉତ୍ପାଦିତ ସାମଗ୍ରୀ ନଷ୍ଟ ହେଉଛି। ଅର୍ଥକରୀ ଫସଲ ଭାବେ ପରିଚିତ ପନିପରିବା ରକ୍ଷଣାବେକ୍ଷଣ ଅଭାବରୁ ପଚି ଶୁଖି ନଷ୍ଟ ହେଉଛି। ଫଳରେ ଚାଷ କରି ଚାଷୀ ଲାଭ ପାଉନାହାନ୍ତି।



ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗରମ ଯୋଗୁ କ୍ଷେତରେ ରବି ଫସଲ ସବୁ ଶୁଖି ଯାଇଛି।

- ଶୀତଳଭଣ୍ଡାର ନାହିଁ, ପନିପରିବା ଶୁଖି ନଷ୍ଟ ହେଉଛି
- ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ଅଭାବରୁ ବେକାର
- ଦାଦନ ଖଟିବାକୁ ଯାଉଛନ୍ତି ଶ୍ରମିକ ଶ୍ରେଣୀର ଲୋକେ
- ଚାଷ କରି ଲାଭ ପାଉନାହାନ୍ତି ଚାଷୀ

ଏ ସମ୍ପର୍କରେ କୃଷକ ନେତା ବିଜୟ ଦାସ, ସୁରେନ୍ଦ୍ର ପରିଡା, ସୁଶାନ୍ତ ସାମଲ, ଭାସ୍କର ରାଉତ, କୁଞ୍ଜବିହାରୀ ନାୟକ ପ୍ରମୁଖ କହିଛନ୍ତି, ଜଳସେଚନ ଅଭାବରୁ ପଟ୍ଟାମୁଣ୍ଡାଇ ଉତ୍ତିକଣ ଭେଡ଼ା ଅଞ୍ଚଳରେ ଥିବା ଗଙ୍ଗାରାମପୁର, ସାନଜରିଆ, ଦିହୁଡିପୁର, ବଡ଼ପଡ଼ା, ବଡ଼ମୋହନପୁର, ଖଡିଅଣ୍ଟା, କକ୍ଷାରୁଣୀ, ନରସିଂହପୁର, ଡିହାପଡ଼ା, ମୂଳବସନ୍ତ ଆଦି ପଞ୍ଚାୟତ ବହୁଳ ଭାବେ ପନିପରିବା ଫସଲ କରାଯାଇଥିବା ବେଳେ ଏବେ ଶତାଧିକ ଏକର ବିଲ ଫାଟି ଆଁ କଲାଣି। ସରକାର ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ଯୋଜନା ପରେ ଯୋଜନା ହେଉଛି। କିନ୍ତୁ ଜଳସେଚନ ଅଭାବରୁ ହଜାର ହଜାର ଏକର ଜମିରେ ପନିପରିବା ଫସଲ ନଷ୍ଟ ହେବାକୁ ବସିଛି। ଦୁଇ ଦଶନ୍ଧି ଧରି ପଟ୍ଟାମୁଣ୍ଡାଇ କେନାଲରେ ଡାଲୁଅ ପାଣି ନ ଆସିବାରୁ ଚାଷୀ ଡାଲୁଅ ଧାନ ଚାଷ ପ୍ରତି ବିମୁଖ ହୋଇ ପନିପରିବା ଚାଷ ଉପରେ ନିର୍ଭର କରିଆସୁଛନ୍ତି। ମାତ୍ର କେନାଲରେ ଆବଶ୍ୟକ ଜଳ ପରିଚାଳନା ନ ହେବା ସହ ନୟନଯୋରି ପୋତି ହୋଇଯିବାରୁ ଚାଷୀ ବିଲ ଫାଟି ଆଁ କରିବା ସହିତ ଫସଲ ଶୁଖି ଯାଉଛି। ଯେଉଁ ଫସଲ ଅମଳ ହେଉଛି ତାହା ଉଚିତ ଦର ମିଳୁ ନ ଥିବାବେଳେ ଶୀତଳଭଣ୍ଡାର ଅଭାବରୁ ତାହା ନଷ୍ଟ ହେଉଛି। ସେହିପରି ନରେନ୍ଦ୍ର ଧଳ, ହିମାଂଶୁ ବିଶ୍ୱାଳ, ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଞ୍ଚଳରେ ଥିବା ଅଣରା, ଅମୃତମଣୋହୀ, ବଲୁରିଆ, ପେଣ୍ଠପାଳ, ତରଡ଼ିପାଳ, ସିଂହଗାଁ, ନୀଳକଣ୍ଠପୁର, ଡାମରପୁର, ବାଲିପାଟଣା, ବାଛରା, ଶ୍ରୀରାମପୁର, ବଳଭଦ୍ରପୁର ଆଦି ପଞ୍ଚାୟତ ଏବଂ ପୌରାଞ୍ଚଳ ବାଲିପଡ଼ା, କଷଣଅଣ୍ଟା, ଷଣ୍ଢପଲ୍ଲୀ, ତନୁପୁର, କାକୁଡିପଲ୍ଲୀ, ଅଳଭା ଆଦି ଧୋୟାଞ୍ଚଳରେ ପନିପରିବା ଫସଲ ହୋଇଥାଏ। ଏହି ଫସଲକୁ ପଟ୍ଟାମୁଣ୍ଡାଇ ସମେତ ଆଖପାଖ ବିଭିନ୍ନ ହାଟ ବଜାରରେ ବିକ୍ରି କରାଯାଇଥାଏ। ଚାଷୀମାନେ ବହୁ କଷ୍ଟରେ ଚଢ଼ା ଦାମ୍‌ରେ ମଞ୍ଜି, ଚାରା, ପୋକମରା ଔଷଧ, ରାସାୟନିକ ସାର ବ୍ୟବହାର କରି ପନିପରିବା ଫସଲ କରିଥାନ୍ତି। ଏପରି କି ଜଳସେଚନ ସୁବିଧା ନ ଥିବା ଅଞ୍ଚଳରେ ଟେଣ୍ଡାରେ ବହୁ ପରିଶ୍ରମ କରି ଜମିକୁ ଜଳସେଚିତ କରିବା ସହିତ ଆଳୁ, ବାଇଗଣ, ଟମାଟୋ, ପୋଟଳ, କଖାରୁ, ଭେଣ୍ଡି, ପିଆଜ ଓ ରସୁଣ ଆଦି ଫସଲ କରିଥାନ୍ତି। ଶୀତଳଭଣ୍ଡାର ନ ଥିବାରୁ ଚାଷୀମାନେ ଉଚିତ ମୂଲ୍ୟରେ ପନିପରିବା ବିକ୍ରି କରିବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏଥିପାଇଁ ପଟ୍ଟାମୁଣ୍ଡାଇଠାରେ ୨ଟି ଶୀତଳଭଣ୍ଡାର ଖୋଲିବାକୁ କୃଷକମାନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେଉଛି।

## ମିଟୁ ଦାଶ ରାଜ୍ୟ ବିଜେଡି ସମ୍ପାଦକ

**ପଟ୍ଟାମୁଣ୍ଡାଇ, ୭।୪ (କଳ୍ପତରୁ ନାୟକ)**



କେନ୍ଦ୍ରାପଡ଼ା ଜିଲାର ଯୁବନେତା ମିଟୁ ଦାଶଙ୍କ ସାଙ୍ଗଠନିକ ଦକ୍ଷତାକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ସଙ୍ଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବାକୁ ରାଜ୍ୟ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଏହା ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରେସ୍ ବିଜ୍ଞପ୍ତି ଯୋଗେ ଜଣାଇଛନ୍ତି। ଯୁବନେତା ମିଟୁ ବେଗୁନିଆ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ନୂତନ ନିଯୁକ୍ତି ପାଇଁ ସେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ଦାସ ଓ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କୁ କୃତଜ୍ଞତା ଜଣାଇଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ମିଟୁଙ୍କୁ ରାଜ୍ୟ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ମିଳିବା ପରେ କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ମନ୍ତ୍ରୀ ପ୍ରତାପ ଦେବ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ, ବିଜେଡି ନେତା ଗଣେଶ୍ୱର ବେହେରା ଓ ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଦିବାକର ସାରଙ୍କୁ ଗ୍ରାମବାସୀଙ୍କ ବିଦାୟ ସମ୍ବର୍ଦ୍ଧନା

**ରାଜନଗର, ୭।୪ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ପଟ୍ଟାପାରିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୫ ବର୍ଷ ଧରି ଶିକ୍ଷାଦାନ କରି ଦିବାକର ସ୍ୱାଇଁ ଅବସର ନେଇଛନ୍ତି। ଜଗତ୍‌ସିଂହପୁର ଜିଲା ସାଧେଇପୁର ଗାଁର ଦିବାକର ୧୯୯୦ରେ ଏହି ବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଗାଁରେ ଶ୍ରଦ୍ଧାଭାଜନ ଥିଲେ। ମାର୍ଚ୍ଚ ୩୧ରେ ଅବସର ନେଇଥିଲେ। ରବିବାର ବିଦ୍ୟାଳୟ ପରିସରରେ ସାର୍‌ଙ୍କ ପାଇଁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଗାଁର ୪ଶହ ପରିବାର ଏକାଠି ହୋଇ ଚାନ୍ଦା କରି ସମ୍ବର୍ଦ୍ଧନା ସଭା କରିବା ସହ ୨ ହଜାର ଲୋକଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ମାରାଣ୍ଡିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବାଦଲ ପରିଡା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ଲୋପାମୁଦ୍ରା ଜେନା, ସମିତିସଭ୍ୟ ତପନ କୁମାର ସାହୁ, ବଳରାମ ମଣ୍ଡଳ, ଗାଁର ମୁରବୀ ବୃନ୍ଦାବନ ଦଳାଇ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଶୋକ କୁମାର ଦଳାଇ ପ୍ରମୁଖ ଯୋଗଦେଇଥିଲେ।

## ପଦନପୁର, କଳାପାହାଡ଼ରେ ଇଫ୍‌ତାର ପାର୍ଟି

**ଆଳି,୭।୪(ବନମାଳୀ ସେନାପତି)**

ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତର ପଦନପୁର ଓ କଳାପାହାଡ଼ ଗାଁରେ ଇଫ୍‌ତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ପଦନପୁରଠାରେ ଅନୁଷ୍ଠିତ ଇଫ୍‌ତାର ପାର୍ଟିରେ ଅତିଥି ଭାବେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ମେଣ୍ଟପୁର ସରପଞ୍ଚ ପ୍ରତିନିଧି ସେକ ସୋପାନ, କଂଗ୍ରେସ ସଙ୍ଗଠକ ନକୁଳ ପରିଡା, ସତ୍ୟପ୍ରିୟ ସାମଲ ପ୍ରମୁଖ ଯୋଗଦେଇ ମୁସଲିମ ଭାଇମାନଙ୍କ ସହ ମିଳିତ ଭାବେ ଭୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେକ ନାସିରୁଦ୍ଦିନ, ସେକ ରିଆସଦ ଅଲ୍ଲୀ, ସେକ ଇୟାଇତୁଲା, ସେକ ଅତିଫ, ସେକ ସଜାଇତ, ମୌଲାନା କାବିଲି, ସେକ ସରଫରାଜ, ସେକ ମୋଇନି, ସେକ ଜୁଲୋ, ସେକ ଗୋରା, ସେକ ଜାକିର, ସେକ ଫୁରକାନ, ସେକ ଇସ୍ତାର ପ୍ରମୁଖଙ୍କ ସମେତ ପଦନପୁର ଓ ଗୋପର ମୁସଲିମ ଭାଇମାନେ ଉପସ୍ଥିତ ଥିଲେ। ସେହିପରି କଳାପାହାଡ଼ଠାରେ ଅନୁଷ୍ଠିତ ଇଫ୍‌ତାର ପାର୍ଟିରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କାଦର ଖାଁ, ସେକ ଗବର, ରସିଦ ଇକବାଲ ଖାଁ, ସେକ ସବିର, ସେକ ମତିନ, ତସଦିକ, ୱାହିଦ ଖାନ, ଆକଲାଖ ଖାନ, ସେକ ମୁରସିଦ, ସେକ ଟିପୁ, ସେକ ସମସଦ ଓ ଫିରୋଜ ଖାଁ ପ୍ରମୁଖଙ୍କ ସମେତ ଗ୍ରାମର ମୁସଲିମ ଭାଇମାନେ ଉପସ୍ଥିତ ଥିଲେ।



ଇଫ୍‌ତାର ପାର୍ଟିରେ କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଓ ଅନ୍ୟମାନେ।

## ବିଜେଡିରେ ଗଣେଶ୍ୱର, ଅସ୍ପଷ୍ଟ ଜିଲା କଂଗ୍ରେସର ସ୍ଥିତି



କଂଗ୍ରେସ ଛାଡିଥିବା ଗଣେଶ୍ୱର ବେହେରା ବିଜେଡିରେ ମିଶିବା ପରେ ନେତା ଓ କର୍ମୀଙ୍କ ଗହଣରେ।

**କେନ୍ଦ୍ରାପଡା, ୭।୪ (ଜଗନ୍ନାଥ ଧଳ)**

ବରିଷ୍ଠ ନେତା ଗଣେଶ୍ୱର ବେହେରା ଗତ ୨ ତାରିଖରେ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ଶଙ୍ଖ ଭବନରେ ସେ ହଜାର ହଜାର ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ଗଣେଶ୍ୱରଙ୍କ ଏହି ଦଳବଦଳ ଜିଲା କଂଗ୍ରେସର ସ୍ଥିତିକୁ ଅସ୍ପଷ୍ଟ କରିଛି। କେନ୍ଦ୍ରାପଡ଼ା ଜିଲାକୁ ଅଣକଂଗ୍ରେସର ଗଡ଼ କୁହାଯାଉଥିଲେ ମଧ୍ୟ ୨୦୧୯ ପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀ ଜିତିଥିଲେ। ୨୦୧୪ ମସିହାରେ ଆଳି ବିଧାନସଭା କ୍ଷେତ୍ରରୁ ଦେବେନ୍ଦ୍ର ନାଥ ଶର୍ମା ଓ ରାଜନଗରରୁ ବିଧାୟକ ଭାବେ ଅଂଶୁମାନ ମହାନ୍ତି କଂଗ୍ରେସ ଟିକେଟରୁ ଜିତିଥିଲେ। ସେହିପରି ବରିଷ୍ଠ ନେତା ଗଣେଶ୍ୱର ବେହେରା ୨୦୧୯ ନିର୍ବାଚନରେ ବିଜେଡିର ଶଶିଭୂଷଣ ବେହେରାଙ୍କୁ କଡ଼ା ମୁକାବିଲା କରିଥିଲେ। ଏପରିକି ସହରାଞ୍ଚଳ ଭୋଟ ସଂଗ୍ରହ ହାରରେ କଂଗ୍ରେସର ଗଣେଶ୍ୱର ବିଜେଡି ବିଧାୟକ ଶଶିଭୂଷଣଙ୍କଠାରୁ ଆଗୁଆ ଥିଲେ। ମାତ୍ର ଚଳିତ ନିର୍ବାଚନ ଜିଲା କଂଗ୍ରେସର ସ୍ଥିତିକୁ ଓଲଟପାଲଟ କରିଦେଇଛି। ଆଳିର ଦେବେନ୍ଦ୍ର ଶର୍ମା ଚଳିତ ଥର ବିଧାନସଭା କ୍ଷେତ୍ରରେ ନିଜ ବଦଳରେ ଝିଅ ଡା. ଦେବସ୍ମିତା ଶର୍ମାଙ୍କୁ ଆଗକୁ ଆଣିଛନ୍ତି। ଏହି ନିର୍ବାଚନ କ୍ଷେତ୍ରରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜେଡିର ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଭାଜପାର କୃଷ୍ଣଚନ୍ଦ୍ର ପଣ୍ଡା ଅଛନ୍ତି। ଗତ ନିର୍ବାଚନରେ କଂଗ୍ରେସ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଚଳିତଥର ତ୍ରିମୁଖୀ ଲଢ଼େଇ ସମ୍ଭାବନା ଅଧିକ ହୋଇଛି। ରାଜନଗର ବିଧାନସଭା କ୍ଷେତ୍ରରେ ଗତ ନିର୍ବାଚନରେ ବିଧାୟକ ପଦ ପାଇଁ ବିଜେଡିର ଧ୍ରୁବ ସାହୁ ଓ କଂଗ୍ରେସର ଅଂଶୁମାନ ମହାନ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଚଳିତ ନିର୍ବାଚନରେ ଅଂଶୁମାନ କଂଗ୍ରେସ ଛାଡ଼ି ବିଜେଡିର ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ଦୀର୍ଘବର୍ଷ ହେବ ଗଣେଶ୍ୱର କଂଗ୍ରେସର ମଙ୍ଗ ଧରିଥିଲେ। ଶେଷ ସମୟରେ ସେ ମଧ୍ୟ ବିଜେଡିରେ ଯୋଗଦାନ କରି କଂଗ୍ରେସର ରଣନୀତିକୁ ବିପଦରେ ପକାଇଛନ୍ତି। ଏପରିକି କଂଗ୍ରେସର ପଞ୍ଚାୟତ ଓ ନଗର କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କୁ ବିଜେଡିରେ ସାମିଲ କରାଇବାକୁ ସକ୍ଷମ ହୋଇଛନ୍ତି। ଅପରପକ୍ଷରେ ଗତ କେତେଗୋଟି ନିର୍ବାଚନରେ ପାଟକୁରା ଓ ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ କଂଗ୍ରେସର ସାଙ୍ଗଠନିକ ଶକ୍ତି ଦୁର୍ବଳ ଥିବା ପ୍ରମାଣିତ ହୋଇଛି। ଯଦିଓ ଜିଲା ପାଇଁ ବିଧାୟକ ଓ ଲୋକ ସଭା ପ୍ରାର୍ଥୀ କଂଗ୍ରେସ ଘୋଷଣା କରିନାହିଁ, ତେବେ ଜିଲାରେ କଂଗ୍ରେସ ଶକ୍ତି ବହୁ ଭାବରେ ଦୁର୍ବଳ ହୋଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

## କାଳବୈଶାଖୀ ବର୍ଷା, ତାତିରୁ ଆଶ୍ୱସ୍ତି

**ପଟ୍ଟାମୁଣ୍ଡାଇ, ୭।୪(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ଅଞ୍ଚଳରେ କିଛିଦିନ ଧରି ପ୍ରଚଣ୍ଡ ଖରା, ତତଲା ପବନ ଓ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା ବେଳେ ରବିବାର ଅପରାହ୍ନରେ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅପରାହ୍ନରେ ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଝିପିଝିପି ବର୍ଷା ହେବାରୁ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ଦେଖାଦେଇଛି। ପଟ୍ଟାମୁଣ୍ଡାଇ ସହର ସମେତ ଅନେକ ସ୍ଥାନରେ କାଳବୈଶାଖୀ ବର୍ଷା ପରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ବର୍ଷା ଯୋଗୁ ବହୁ ସ୍ଥାନରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ଆଗାମୀ ଦୁଇ ଦିନ ଯାଏଁ ବର୍ଷା ରାଜ୍ୟର କେତେକ ସ୍ଥାନରେ ହେବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ବର୍ଷାର ପରିମାଣ ବଢ଼ିବାର ଆଶଙ୍କା କରାଯାଉଛି। ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ଘୁରୁଚାପ ବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରିଥିବାରୁ ମେଘୁଆ ପାଗ ସହିତ ବର୍ଷା ହେଉଛି। ପୂର୍ବାହ୍ନ ସୁଦ୍ଧା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ତାପମାତ୍ରା ପାଖାପାଖି ୩୭ ଡିଗ୍ରୀ ରହିଥିବା ବେଳେ ସନ୍ଧ୍ୟାରେ ୩୨ ଡିଗ୍ରୀରେ ରହିଛି। ଚଳିତମାସ ୪ ରୁ ୬ ତାରିଖ ମଧ୍ୟରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିଲା।



ପଟ୍ଟାମୁଣ୍ଡାଇରେ ସନ୍ଧ୍ୟାରେ ହୋଇଥିବା ବର୍ଷା ପରର ଦୃଶ୍ୟ।

## ଶାନ୍ତିଲତା ବାରିକଙ୍କ ପାଇଁ ଶୋକସଭା

**ରାଜନଗର, ୭।୪ (ଭାସ୍କର ରାଉତରାୟ)**

ରାଜନଗରଠାରେ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ଓଡ଼ଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଦିବଂଗତା ଶାନ୍ତିଲତା ବାରିକଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କଣ୍ଠଶିଳ୍ପୀ ଶାନ୍ତିଲତାଙ୍କ ଉଚ୍ଚକୋଟୀର ସଙ୍ଗୀତ ସମାଜର ସବୁବର୍ଗର ବ୍ୟକ୍ତିଙ୍କ ହୃଦୟକୁ ଛୁଇଁ ପାରିଥିଲା। ତାଙ୍କ ମୃତ୍ୟୁ ଓଡ଼ିଶା ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ଆୟୋଜିତ ସଭାରେ ଯୋଗଦେଇଥିବା ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶତ୍ରୁଘ୍ନ ତରାଇ, ସଚିନ୍ ଦାସ, ଗୌତମ ଜେନା, ବିଶ୍ୱଜିତ କୁଣ୍ଡ, ବୈଲୋଚନ ରାଉତ, ସୋନାଲି ପାତ୍ର, ଯୁଇ ଦାସଙ୍କ ସମେତ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ତାଙ୍କର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଫାଶ, ତେଣ୍ଟା ଜବତ, ଦୁଇ ଶିକାରୀ ଗିରଫ

**ରାଜନଗର, ୭।୪ (ଭାସ୍କର ରାଉତରାୟ)**

ଭିତରକନିକା ଜାତୀୟ ଉଦ୍ୟାନର ବରୁଣେଇ ଫରେଷ୍ଟ ବ୍ଲକ ଅଞ୍ଚଳରେ ବାରହା ଶିକାର ପାଇଁ ଫାସ ବସାଇଥିବା ୨ ଶିକାରୀଙ୍କୁ ବନ କର୍ମଚାରୀମାନେ ଗିରଫ କରିଛନ୍ତି। ବରୁଣେଇ ଫରେଷ୍ଟ ବ୍ଲକର ଯୋଗୀନାଥ ନିକଟରେ ଶିକାରୀମାନେ ବାରହା ଶିକାର ପାଇଁ ଫାସ ବସାଇଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସବିତା ବେହେରା, ଦୁର୍ଯ୍ୟୋଧନ ଦାସ, ରତ୍ନାକର ବିଶ୍ୱାଳ ପ୍ରମୁଖ ବନକର୍ମଚାରୀ ଶନିବାର ରାତି ସାଢେ ୩ଟାରେ ଚଢାଉ କରି ଜଙ୍ଗଲ ଭିତରୁ ବ୍ରାହ୍ମଣସାହି ଗାଁର ନିର୍ମଳ ଜେନା ଓ ଅଭିମନ୍ୟୁ ବେହେରାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୪ଟି ଫାସ, ୧ ତେଣ୍ଟା, ୨ଟି କଟୁରୀ ଓ ୨ ଟି ଲାଠି ଜବତ ହୋଇଛି।

## ଇନ୍ଦୁପୁର ବାରୁଣୀ ମହୋତ୍ସବ ଉଦ୍‌ଘାଟିତ

**ଡେରାବିଶ,୭।୪ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଇନ୍ଦପୁରସ୍ଥିତ ବିରୂପା ନଦୀ ପଠାରେ ରବିବାର ସନ୍ଧ୍ୟାରେ ଇନ୍ଦୁପୁର ବାରୁଣୀ ମହୋତ୍ସବ ଆରମ୍ଭ ହୋଇଛି। ସ୍ଥାନୀୟ ପାୟଲ ମ୍ୟୁଜିକ ସ୍କୁଲର କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟ ମହୋତ୍ସବରେ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ମହୋତ୍ସବ କମିଟିର କର୍ମକର୍ତ୍ତା ଦେବାଶିଷ ସାମଲଙ୍କ ଦ୍ୱାରା ପରିଚାଳିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଶିତ ହୋଇଥିଲା। ମହୋତ୍ସବକୁ ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୁତାର ଉଦ୍‌ଘାଟନ କରିଥିଲେ। ୪ ଦିନ ଧରି ଅନୁଷ୍ଠିତ ମହୋତ୍ସବ ବୁଧବାର ଶେଷ ହେବ। ତେବେ ସନ୍ଧ୍ୟାରେ କାଳ ବୈଶାଖୀ ପ୍ରଭାବରେ ପ୍ରତିକୂଳ ପାଗ ସତ୍ତ୍ୱେ ଦର୍ଶକମାନେ ମହୋତ୍ସବକୁ ଉପଭୋଗ କରଥିଲେ। ସୂଚନା ଅନୁଯାୟୀ, ଶନିବାରଠାରୁ ଇନ୍ଦୁପୁରସ୍ଥିତ ପ୍ରସିଦ୍ଧ ମା' ଚଣ୍ଡୀଙ୍କ ବେଢ଼ାରେ ଆରମ୍ଭ ହୋଇଥିବା ବାରୁଣୀ ଯାତ୍ରାର ରବିବାର ଦ୍ୱିତୀୟ ସନ୍ଧ୍ୟା ଥିଲା। ବାରୁଣୀ ଯାତ୍ରାରେ ଅସ୍ଥାୟୀ ଭାବେ ପଡ଼ିଥିବା ଦୋକାନରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ତେବେ ସନ୍ଧ୍ୟାରେ ବର୍ଷା ପରେ ବାରୁଣୀ ଯାତ୍ରା ଫିକା ପଡ଼ିଯାଇଥିଲା। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ନିକିରେଇ ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବା ସହ ଟ୍ରାଫିକ୍ ନିୟନ୍ତ୍ରଣ କରୁଛନ୍ତି।




ମହୋତ୍ସବରେ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

## ଆଳି-ମହୁ ରାସ୍ତା କାମ ମନ୍ଥର

**ଆଳି,୭।୪(ବନମାଳୀ ସେନାପତି)**

**୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ହନ୍ତସନ୍ତ ହେଉଛନ୍ତି**



ଅବଧି ଶେଷ ପରେ ଆଳିରୁ ମହୁ ଯାଇଥିବା ରାସ୍ତା କାମ ସରୁନାହିଁ।

ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ରାଜ୍ୟ ସରକାର ଅର୍ଥ ବିଭିନ୍ନ ବିଭାଗ ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀମାନେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଠିକାଦାରଙ୍କ ସହ ମିଶି କାର୍ଯ୍ୟ କରୁଥିବାରୁ ସାଧାରଣ ଲୋକ ସେମାନଙ୍କ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ। କେନ୍ଦ୍ରାପଡ଼ା ରାସ୍ତା ଓ କୋଠାବାଡ଼ି ବିଭାଜନ ପକ୍ଷରୁ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଆଳି ଆଠକଣିଆ ଛକରୁ ମହୁ ଗ୍ରାମକୁ ଯାଇଥିବା ୮ କିଲୋମିଟର ରାସ୍ତାର ଉନ୍ନତିକରଣ ନିମନ୍ତେ ୯.୨୧ କୋଟି ଟଙ୍କା ଆସିଛି। ରାସ୍ତା କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଏପରିକି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଅବଧି ପୂରଣ ହୋଇ ସାରିଥିଲେ ମଧ୍ୟ ମାତ୍ର ୧୦ ପ୍ରତିଶତ କାମ ହୋଇନାହିଁ।

ସୂଚନା ଅନୁଯାୟୀ ଆଳିରୁ ମହୁ ଗ୍ରାମକୁ ଯାଇଥିବା ୮ କିଲୋମିଟରରୁ ଅଧିକ ରାସ୍ତା ଚଉଡା ସହ ସୁଦୃଢ଼ କରିବା ନିମନ୍ତେ ରାସ୍ତା ଓ କୋଠାବାଡ଼ି ବିଭାଜନ ଦ୍ୱାରା ୯.୨୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତାର ଦୁଇପାର୍ଶ୍ୱ ଖୋଳି ଚଉଡ଼ା କରିରାଯାଉଛି। ଚଉଡା ହୋଇଥିବା ରାସ୍ତାରେ ବାହାରୁ ମାଟି ଆଣି ପକାଇବାର ନିୟମ ଥିବା ବେଳେ ରାସ୍ତା ପାର୍ଶ୍ୱରେ ନିର୍ମାଣ ହେଉଥିବା ଗାର୍ଡୱାଲ କଡ଼ରୁ ମାଟି ଆଣି ଫିଲିଙ୍ଗ କରିବା ସହ ରାସ୍ତାରୁ ତଡା ହୋଇଥିବା ପୁରୁଣା ପିଚୁଖଣ୍ଡ ଓ ବଜୁରୀ ପକାଇ ଛାଡି ଦିଆଯାଇଛି। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ହେବ ରାସ୍ତାରେ ବଜୁରୀ ବିଛା ହୋଇ ପଡ଼ିଥିବା ବେଳେ ରାସ୍ତାରେ ଯାତାୟାତ କରିବାରେ ଏବେ ନାହିଁ ନ ଥିବା ଅସୁବିଧା ହେଉଛି। ଏହି ରାସ୍ତା ହେଉଛି ମହୁ, କୋଳିଡିହ, ଅଟାଳ, ଏକମାଣିଆ ପଞ୍ଚାୟତର ସାନଆଙ୍କୋ, ବଡ଼ଆଙ୍କୋ, ଆଳକଣା, ପୋଡାମରାଇ ଗାଁର ପ୍ରାୟ ୨୦ ହଜାର ଲୋକଙ୍କ ଏହା ହେଉଛି ଦୈନିକ ଯାତାୟତର ମାଧ୍ୟମ। ଏହି ରାସ୍ତା ଲୋକେ ସ୍କୁଲ, କଲେଜ, ମେଡିକାଲ, ବ୍ୟାଙ୍କ, ବ୍ଲକ, ତହସିଲ, ଥାନାକୁ ଯାତାୟାତ କରିଥାନ୍ତି। ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରୁଥିବା ଠିକସଂସ୍ଥା ନିଜ ମନୋମୁଖୀ କାମ କରୁଥିବାରୁ ସାଧାରଣ ଲୋକ ଏବେ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଥମତଃ ଏହି ରାସ୍ତାରେ ଦୈନିକ ପାଣି ପକାଇବାର ନିୟମ ଥିବା ବେଳେ ଠିକା ସଂସ୍ଥା ପକ୍ଷରୁ ତାହା କରାଯାଉନି। ଫଳରେ ରାସ୍ତାରେ ଯାତାୟାତ ସମୟରେ ଧୂଳିରେ ସାଧାରଣ ଲୋକଟିଏ ନାକେଦମ ହୋଇ ପଡୁଛି। ସେହିପରି କାର୍ଯ୍ୟ ହେଉ ନ ଥିବାରୁ ରାସ୍ତା ସାରା ବିଛାଡି ହୋଇ ପଡ଼ିଥିବା ଗୋଡି ଯୋଗୁ ଅନେକ ସମୟରେ ବାଇକ୍ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ରାସ୍ତା କାର୍ଯ୍ୟ ମଧ୍ୟରେ ଦୁର୍ଘଟଣା ଘଟି ଦୁଇଜଣଙ୍କ ମୃତ୍ୟୁ ହୋଇ ସାରିଥିଲେ ମଧ୍ୟ ବିଭାଗୀୟ ତତ୍ପରତା ଦେଖିବାକୁ ମିଳୁନି। ଏ ସମ୍ପର୍କରେ ଆଳି ରାସ୍ତା ଓ ଗୃହ ନିର୍ମାଣ ବିଭାଗ (ଆର୍‌ଆଣ୍ଡବି) ବିଭାଗର କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ ବେଫିକର ଢଙ୍ଗରେ ପିଚୁ କାମ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୧୦ ଶାଳଗଣ୍ଡି ଜବତ



**ଓଡଗାଁ,୭।୪(ଆଦର୍ଶ କୁମାର ପଟ୍ଟନାୟକ):** ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଅଧୀନରେ ଥିବା ବାହାଡାଖୋଲା ସେକ୍ସନରୁ ବନ ବିଭାଗ କର୍ମଚାରୀମାନେ ମୂଲ୍ୟବାନ ଶାଳ ଗଣ୍ଡି ଜବତ କରିଛନ୍ତି । ଏହି ସେକ୍ସନ ଆମ୍ବପଡା ବିଟ୍ ଅନ୍ତର୍ଭୁକ୍ତ ଡ଼ିମିରିପଦର ଅଞ୍ଚଳରେ ଦୁର୍ବୃତ୍ତମାନେ ଏକ ବହୁ ପୁରାତନ ଶାଳ ଗଛ କାଟି ଚାଲାଣ କରିବାକୁ ୧୦ ଗଣ୍ଡି କରି ପକାଇଥିଲେ । ଏନେଇ ବନ ବିଭାଗ ସୂଚନା ପାଇବା ପରେ ରେଞ୍ଜର ନିଖିଳେଶ ମାଲିକଙ୍କ ନିର୍ଦ୍ଦେଶକ୍ରମେ ବନପାଳ ମନୋଜ କୁମାର ସେଠୀ, ବନରକ୍ଷୀ ସୁନୀଲ କୁମାର ନାୟକ ବନ ସୁରକ୍ଷା ବଳ ସହିତ ପହଞ୍ଚି ସମସ୍ତ କାଠ ଗଣ୍ଡି ଜବତ କରିଥିଲେ । ହେଲେ କୌଣସି ବ୍ୟକ୍ତିଙ୍କୁ ଏହି ଘଟଣାରେ ଗିରଫ କରାଯାଇନାହିଁ । ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି । ବନ ବିଭାଗ ଏନେଇ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିବା ରେଞ୍ଜର କହିଛନ୍ତି।

### ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

**ଦଶପଲ୍ଲା,୭।୪(ପ୍ରକାଶ କୁମାର ପାଣି):** ଦିନକୁ ଦିନ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଗାଡ଼ି ଚାଳକଙ୍କ ପାଇଁ ମରଣଯନ୍ତା ପାଲଟିଛି। ପ୍ରତିଦିନ ଏହି ଜାତୀୟ ରାଜପଥର ଦଶପଲ୍ଲାଠାରୁ ବାଣିଗୋଛା ମଧ୍ୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିଲାବେଳେ, ରବିବାର ଦଶପଲ୍ଲା ଥାନା ଅଧୀନ ବୁଗୁଡ଼ା କଲେଜ ନିକଟରେ ଏକ ମୋପେଡ଼ (ନଂ ଓଡ଼ି- ୨୫ ପି - ୨୬୩୦ ) ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ମୋପେଡ଼ ଚାଳକ ସନାତନ ସାହୁ ( ୫୦ ) ଗୁରୁତର ହୋଇଛନ୍ତି । ଖବରପାଇ ଦଶପଲ୍ଲା ପୋଲିସ ପହଞ୍ଚି ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଛି ।

### ବସ୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

ଭଞ୍ଜନଗର,୭।୪(ବାବୁଲା ପ୍ରଧାନ)

ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାର ବୁଦ୍ଧୁଲି ନିକଟସ୍ଥ ପାଇପ ଫ୍ୟାକ୍ଟ୍ରି ନିକଟରେ ରବିବାର ରାତି ପ୍ରାୟ ସାଢ଼େ ୭ଟା ସମୟରେ ଏକ ବସ୍ ଧକ୍କାରେ ଜଣେ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ମେଡ଼ିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ଶିକ୍ଷକ ଜଣକ ହେଲେ ନିଧିଆପଲ୍ଲୀର ବି.ଡ଼ି. ଦଳବେହେରା। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରକାଶ ଯେ, ଶ୍ରୀ ଦଳବେହେରା ଆଜି ରାତିରେ ଭଞ୍ଜନଗର ସହରରୁ କାମ ସାରି ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଘରଠାରୁ ଆଉ ମାତ୍ର ୫ କିମି ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ବସ୍ ଦଳବେହେରାଙ୍କୁ ଧକ୍କା ଲଗାଇଥିଲା।

# ଘୋଡ଼ାମାରିଦ୍ୱାର ଗାଁରେ ଡାକ୍ତରୀ ଟିମ୍

- ଧରିତ୍ରୀରେ ଖବର ପ୍ରକାଶନ ପରେ ସ୍ୱାସ୍ଥ୍ୟବିଭାଗର ତତ୍ପରତା
- ଜଳ ଓ ରକ୍ତ ନମୁନା ସଂଗ୍ରହ କଲେ
- ରକ୍ତ ଚାପ ଓ ରକ୍ତ ସର୍କରା ପରୀକ୍ଷା କଲେ

ନୟାଗଡ଼,୭।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତ ଘୋଡାମାରିଦ୍ୱାର ଗାଁରେ ୨ ବର୍ଷରେ କିଡ୍‌ନୀ ରୋଗରେ ୫୦ ମୃତ ଓ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ସମ୍ପର୍କିତ ଖବର ଗତ ୬ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ରବିବାର ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଟିମ୍ ପହଞ୍ଚି କିଡ୍‌ନୀ ରୋଗରେ ଆକ୍ରାନ୍ତ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛନ୍ତି। ଅନ୍ୟପକ୍ଷେ ରକ୍ତ ଚାପ ଓ ରକ୍ତ ସର୍କରା ପରୀକ୍ଷା କରିଥିଲେ। ସେହିପରି ଜଳ ନମୁନା ସଂଗ୍ରହ କରି ଫେରିଛନ୍ତି।

ସୂଚନା ଅନୁଯାୟୀ, ଘୋଡାମାରିଦ୍ୱାର ଗାଁର ବାସିନ୍ଦା ଫ୍ଲୋରାଇଡ୍ ଓ ଦୂଷିତ ଜଳ ବର୍ଷ ବର୍ଷ ଧରି ପିଉଥିବାରୁ ଅସ୍ଥି ଓ ଦନ୍ତ ଫ୍ଲୋରସିସ ସହ କିଡ୍‌ନୀ ରୋଗରେ ପଡି ପ୍ରାଣ ହରାଉଥିବା ଅଭିଯୋଗ ହୋଇ ଆସୁଛି। ଗାଁରେ ଥିବା ନଳକୂପ ଓ କୂପର ଜଳ ଫ୍ଲୋରାଇଡ୍ ଯୁକ୍ତ ହୋଇଥିବାରୁ



ଡ଼ାକ୍ତରୀ ଟିମ୍ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଏଠାର ଲୋକ ଭାଗ୍ୟକୁ ଆଦରି ଦୂଷିତ ଜଳ ପାନୀୟ ରୂପେ ବ୍ୟବହାର କରି ରୋଗର ଶିକାର ହୋଇ ଚାଲିଛନ୍ତି। ଘୋଡାମାରିଦ୍ୱାର ଗାଁରେ ୭୦ ପରିବାରର ୨୫୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଗାଁରେ ୨ଟି ନଳକୂପ ଅଛି। ସେହିପରି ଗାଁରେ ୨ରୁ ୩ଟି ଘରୋଇ କୂପ ଅଛି। ତେବେ ସବୁ ପାନୀୟ ଜଳ ଫ୍ଲୋରାଇଡ୍ ରହୁଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଲୋକ ରୋଗର କାରଣ ଜାଣି ପାରୁ ନ ଥିଲେ। ପରେ ପାନୀୟ ଜଳ ଯେ ଘାତକ ସାଜିଛି ଲୋକଙ୍କୁ ଆଉ ଅଛପା ରହିଲା ନାହିଁ। ଗାଁର ମହେଶ୍ୱର ନାୟକଙ୍କ ପରିବାରରେ ମହେଶ୍ୱର କିଡ୍‌ନୀ ରୋଗୀ ହୋଇଥିବାବେଳେ ୮ ବର୍ଷର ପୁଅ ଜ୍ଞାନ ରଞ୍ଜନ ମଧ୍ୟ କିଡ୍‌ନୀ ରୋଗୀ। ସେହିପରି ଘୋଡାମାରିଦ୍ୱାର ଗାଁର ପ୍ରମୋଦ ପ୍ରଧାନ, କ୍ଷେତ୍ରବାସୀ ଦାସ, ଯୋଗୀନାଥ ଦାସ, ରଞ୍ଜୁବାଳା ଦାସ, କୁନି ନାୟକ, ବଳଭଦ୍ର ସ୍ୱାଇଁ, ଫୁଲ ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ, ଚିତ୍ତ ରଞ୍ଜନ ନାୟକ, ମଧୁସୂଦନ ସ୍ୱାଇଁ ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳିସ୍ଥଳେ ଗାଁରେ ଡାକ୍ତରୀ ଟିମ୍ ପହଞ୍ଚିବା ପରେ ରୋଗୀଙ୍କ ପରିବାର ଖୁସି ଅଛନ୍ତି। ତେବେ ଗାଁକୁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଇବା, ରୋଗୀମାନଙ୍କୁ ମାଗଣା ଚିକିତ୍ସା କରାଇବା, ଗାଁରେ ଯେପରି ଅନ୍ୟ କେହି କିଡ୍‌ନୀ ରୋଗରେ ଅସୁସ୍ଥ ନ ହେବେ ସେଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ଖଣ୍ଡପଡ଼ାରେ ବିଜେଡିର ନିର୍ବାଚନ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭାପୁର,୭।୪(ଭରତ କୁମାର ବେହେରା )

ଅମୀୟ କୁମାର ମଲିକଙ୍କୁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ବେଳେ ବିଜୁ ଜନତା ଦଳ ପକ୍ଷରୁ ରବିବାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଏହି କ୍ରମରେ ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ମୁଖପାତ୍ର ଥିବା ଅମୀୟ କୁମାର ମଲିକଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟମନ୍ତ୍ରୀ ତଥା ବିଜୁଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ତାଙ୍କୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନବ ନିଯୁକ୍ତ ପର୍ଯ୍ୟବେକ୍ଷକ ମଲିକଙ୍କ ବାସଭବନରେ ଭାପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ତଥା ଭାପୁର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ବେଣୁଧର ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାପୁର ବ୍ଲକ ବିଜେଡି ଉପସଭାପତି ଭରତ କୁମାର ବେହେରା, ଭାପୁର ବ୍ଲକ ବିଜେଡି ଯୁଗ୍ମ ସମ୍ପାଦକ ରଶ୍ମୀରଞ୍ଜନ ସ୍ୱାଇଁ ,ଭାପୁର ବ୍ଲକ ସମିତି ସଭ୍ୟ ସଭାପତି ବାଳଗୋପାଳ ଷଡ଼ଙ୍ଗୀ, ବଡସହରା ସମିତି ସଭ୍ୟ ପ୍ରାଣକୃଷ୍ଣ ନାୟକ ପ୍ରମୁଖ ପହଞ୍ଚି ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ବିଜେଡି କର୍ମକର୍ତ୍ତା ସ୍ୱାଗତ କରୁଛନ୍ତି।

# ୨୧ରେ ସୃଜନିକା ପକ୍ଷରୁ ନୃତ୍ୟ ପ୍ରତିଯୋଗିତା




ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ।

ରଣପୁର,୭।୪(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲାରେ ପ୍ରଥମ ଥର ପାଇଁ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ନାମରେ ଗୋଟିଏ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଏହାକୁ ସୃଜନିକା ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ନୟାଗଡ଼ ଆୟୋଜନ କରୁଛି । ନୟାଗଡ଼ ଜିଲାର ୮ ବ୍ଲକରେ ଏହାର ଅଡିଶନ ଶେଷ ହେବା ପରେ ଜିଲା ସଦର ମହକୁମାରେ ସେମିଫାଇନାଲ ଓ ଫାଇନାଲ ପ୍ରତିଯୋଗତା ଅନୁଷ୍ଠିତ ହେବ । ପ୍ରଥମେ ଏହା ଓଡ଼ଗାଁ ବ୍ଲକରୁ ଆରମ୍ଭ ହେଇଛି । ରଣପୁରରେ ଆସନ୍ତା ୨୧ତାରିଖରେ 'ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ' ସୃଜନିକା ନୃତ୍ୟ ପ୍ରତିଯୋଗିତା ମା' ମଣିନାଗ ପୀଠ ନିକଟରେ ଥିବା କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ରବିବାର ଆଦର୍ଶ ବିଦ୍ୟାମନ୍ଦିରଠାରେ ଆୟୋଜିତ ଏକ ଖବରଦାତା ସମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ନିର୍ମଳ ଚନ୍ଦ୍ର ସୁରଦେଓ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଉପାଧ୍ୟକ୍ଷା ନୀଳିମା ନନ୍ଦ, ଦେବେନ୍ଦ୍ର ପ୍ରସାଦ ପରମଗୁରୁ, ବିରଞ୍ଚି ନାରାୟଣ ତ୍ରିପାଠୀ, ବିଜୟ କୁମାର ଜେନା, ରାଜ କିଶୋର ପଟ୍ଟନାୟକ, କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ୮ରୁ ୧୮ବର୍ଷ ବୟସର ଝିଅ ପୁଅ ଅଂଶ ଗ୍ରହଣ କରି ପାରିବେ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଛନ୍ତି ।

### ସାମାଜିକ କର୍ମୀଙ୍କ ଶ୍ରାଦ୍ଧବାର୍ଷିକରେ ରକ୍ତଦାନ ଶିବିର

**ନୟାଗଡ଼,୭।୪(ଲୋକନାଥ ମିଶ୍ର):** ନୟାଗଡ଼ ସୋହମ ସଙ୍ଗଠନର ସଦସ୍ୟ ତଥା ପାରାଡ଼ିପି ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ରମେଶ କୁମାର ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ନୟାଗଡ଼ ତାରିଣୀ ନଗରସ୍ଥିତ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସ୍ୱର୍ଗତ ବେହେରା ରକ୍ତ କର୍କଟ ରୋଗରେ ଅସୁସ୍ଥ ହୋଇଥିଲେ । ଗତ ବର୍ଷ ଏପ୍ରିଲ ୭ରେ ତାଙ୍କର ପରଲୋକ ଘଟିଥିଲା। ସଙ୍ଗଠନର ଉପସଭାପତି ଅନାଦି ଚରଣ ମହାନ୍ତି ଓ ଡାକ୍ତର ଦେବୀଦତ୍ତ ଦିବ୍ୟରଞ୍ଜନ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଙ୍ଗଠନର ସମ୍ପାଦକ କାମାକ୍ଷା ପ୍ରସାଦ ଦାଶ ପରିଚାଳନା କରିଥିଲେ । ନୀଳିମା ଶତପଥୀ, ବିନୋଦିନୀ ବରାଡ଼, ବବିତା ନାୟକ,ସୂର୍ଯ୍ୟକାନ୍ତ ରଥ, ରବୀନ୍ଦ୍ର ନାୟକ, ଶୁଭ୍ରଜିତ୍ ନାୟକ, ଚରଣ ଗୁରୁ, ରଘୁନାଥ ଦାଶ, ଗତିକୃଷ୍ଣ ପ୍ରଧାନ, ପ୍ରକାଶ ପ୍ରଧାନ, ଅରୁଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଶିଳାନ୍ୟାସରେ ଅଟକିଛି ଏନ୍‌ଏସି କାର୍ଯ୍ୟାଳୟ

ଖଣ୍ଡପଡ଼ା,୭।୪
(ଅଜୟ କୁମାର ମହାରଣା)

ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ୨୦୨୩ ମେ'୨୪ରେ ଶିଳାନ୍ୟାସ କରାଯାଇଥିଲା । ଇତି ମଧ୍ୟରେ ୧୦ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚିହ୍ନଟ ହୋଇଥିବା ଏନଏସି କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡିଛି । ଶିଳାନ୍ୟାସ ସମୟରେ ଏନଏସି ଅଧକ୍ଷା ଓ ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଖୁବ୍‌ଶୀଘ୍ର ଏନଏସି କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ । ପରବର୍ତ୍ତୀ ସମୟରେ ଉକ୍ତ କାର୍ଯ୍ୟ ଶିଳାନ୍ୟାସ ଫଳକରେ ସୀମିତ ରହିଛି । କେବଳ ଏନଏସି କାର୍ଯ୍ୟାଳୟ ନିର୍ମାଣ ନୁହେଁ ଡ଼ାକ୍ତରଖାନା ଛକରେ ଆହାରକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଗତ ୨ବର୍ଷ ତଳେ ସରକାରୀ ଜାଗା ଚିହ୍ନଟ ପରେ ଉକ୍ତ ସ୍ଥାନରୁ ଜବରଦଖଲକାରୀଙ୍କୁ ହଟା ଯାଇ ଥିଲେ ହେଁ ଅଦ୍ୟାବଧି ଆହାର କେନ୍ଦ୍ରର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ



ସ୍ଥାଣୁତା ଯୋଗୁ ଉନ୍ନୟନ ମୂଳକ କାର୍ଯ୍ୟ ଆଗେଇ ପାରୁ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କୁ ଏ ସମ୍ପର୍କରେ ପଚାରିବାରେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ଦଶପଲ୍ଲାରେ କାଳବୈଶାଖୀ, ବ୍ୟାପକ କ୍ଷୟକ୍ଷତି

ଦଶପଲ୍ଲା,୭।୪
(ପ୍ରକାଶ କୁମାର ପାଣି)

ରବିବାର ଅପରାହ୍ନରେ ଦଶପଲ୍ଲା ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ପ୍ରବଳ ବେଗରେ ପବନ ବହିବା ସହ ବହୁ ଗଛ ଭାଙ୍ଗି ପଡ଼ିଛି। ବହୁ ଚାଳଛପର ଘର ଉଡ଼ାଇ ନେଇଥିଲା । ପୋଇବାଡି ଅଞ୍ଚଳରେ ବହୁ ଟିଣ ଓ ଆଜବେଷ୍ଟ ଘରର ଛପର ଉଡ଼ାଇ ନେଇଥିଲା । ପୋଇବାଡି ଗ୍ରାମର ତ୍ରିଲୋଚନ ନାହାକ, ବାରିକ ରାଉତ,ଧନେଶ୍ୱର ନାୟକ, ଗାଣ୍ଡୁ ନାୟକ, ଜିତେନ୍ଦ୍ର ନାୟକଙ୍କ ଚାଳ, ଆଜବେଷ୍ଟ ଉଡାଇ ନେଇଥିବା ସୂଚନା ମିଳିଛି। ଗଛପଡି ଅଧିକାଂଶ ଘର ଭାଙ୍ଗିଛି। କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି। କ୍ଷୟକ୍ଷତିର ଠିକ ଖବର ପହଞ୍ଚି ପାରୁନାହିଁ । କାଳ ବୈଶାଖୀ ସହିତ ବର୍ଷା,ଘଡ଼ଘଡ଼ି ଯୋଗୁ ଲୋକେ ପଦାକୁ ବାହାରି ପାରି ନ ଥିଲେ । ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ସରବରାହ ବନ୍ଦ ଥିବା ସୂଚନା ମିଳିଛି ।



କାଳବୈଶାଖୀ ପ୍ରଭାବରେ ଏକ ଟିଣ ଛପର ଉଡାଇ ନେଇଛି ।

# ଅଗ୍ନି ବିପନ୍ନଙ୍କୁ ସହାୟତା

ନୟାଗଡ଼,୭।୪
(ଲୋକନାଥ ମିଶ୍ର)

ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା ତରଫରୁ ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତର ତିଳାବାରୀ ଓ ଡିହ ଗାଁ ପଞ୍ଚାୟତର ଡିଗିରି ଗ୍ରାମରେ ୫ ଅଗ୍ନିବିପନ୍ନ ପଞ୍ଚାନନ ବେହେରା, ବିଂଶି ବେହେରା, ବିଷ୍ଣୁ ବେହେରା,ନାରାୟଣ ବେହେରା ଓ ଡିହ ଗାଁ ହରିଜନ ସାହିର ପ୍ରଶାନ୍ତ ନାୟକଙ୍କୁ ପଲିଥିନ, ଲୁଗାପଟା, ଚାଉଳ, ଚୂଡ଼ା, ଚିନି, ଲୁଣ, ବିସ୍କୁଟ, ମିକ୍ସଚର, ଆଳୁ ଓ ପିଆଜ ଇତ୍ୟାଦି ପ୍ରଦାନ କରାଯାଇଛି ।

ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ଦଶପଲ୍ଲା ପଲ୍ଲୀ ବିକାଶର ଅଧକ୍ଷ ପ୍ରସନ୍ନ କୁମାର ପଣ୍ଡା ଓ ସାମାଜିକ କର୍ମୀ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଭାରତ ବିକାଶ ପରିଷଦ ନୟାଗଡ଼ ଶାଖାର ଅନାଦି ଚରଣ ମହାନ୍ତି, ପ୍ରଦୀପ କୁମାର ସାହୁ, ପ୍ରଫୁଲ କୁମାର ନାୟକଙ୍କ ସହିତ ଦଶପଲ୍ଲା ଶାଖାର ସୁରେଶ ମିଶ୍ର, ଲିପିକା ନାୟକ ଓ ରାଜେନ୍ଦ୍ର ସାହୁ ସହଯୋଗ କରିଥିଲେ।

# ଫ୍ଲାଏ ଓଭରବ୍ରିଜ୍, ଫୁଟ୍ ଓଭରବ୍ରିଜ୍ କାମ ଶେଷ ହେଉନି

ନୟାଗଡ଼,୭।୪
(ଲୋକନାଥ ମିଶ୍ର)

ରେଳ ବିଭାଗ ନୟାଗଡ଼ ଜିଲାକୁ ଅଣଦେଖା କରୁଥିବାରୁ ଫ୍ଲାଏ ଓଭରବ୍ରିଜ୍ ଓ ଫୁଟ୍ ଓଭରବ୍ରିଜ କାମ ଶେଷ ହୋଇ ପାରୁନି। ଯାତ୍ରୀ ବଢୁଥିବା ବେଳେ ଟ୍ରେନ୍ ବଗି ବଢୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଦିନର ପ୍ରତୀକ୍ଷା ପରେ ୨୦୧୭ରେ ନୟାଗଡ଼ ଟାଉନ ଷ୍ଟେଶନ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନ ସମୟରେ ଷ୍ଟେଶନ କାର୍ଯ୍ୟ ଯେତିକି ହୋଇଥିଲା ଏବେ ମଧ ସେତିକିରେ ରହିଛି। ପ୍ରତୀକ୍ଷାରତ ଯାତ୍ରୀମାନଙ୍କ ପାଇଁ ବସିବାର ସ୍ଥାନ ଅଭାବ ରହିଥିବା ବେଳେ ନୂତନ ଚେୟାର କିମ୍ବା ସିମେଣ୍ଟ ବେଞ୍ଚ ନିର୍ମାଣ କରାଯାଉନାହିଁ । ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ପ୍ଲାଟଫର୍ମରେ ପଙ୍ଖା କିମ୍ବା ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ନାହିଁ। ସେହିପରି ଷ୍ଟେଶନ ମଧ୍ୟରେ ନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟ ଏବଂ ଶୌଚାଳୟ ସବୁବେଳେ ତାଲା ପଡ଼ି ରହୁଛି ।

### ଯାତ୍ରୀ ବଢୁଛନ୍ତି,ଟ୍ରେନର ବଗି ବଢୁନି

ଦୀର୍ଘ ୨ବର୍ଷ ତଳୁ ଦ୍ୱିତୀୟ ଏବଂ ତୃତୀୟ ପ୍ଲାଟଫର୍ମ ତଥା ଫୁଟ୍ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଆଲୋକ ବ୍ୟବସ୍ଥା ନ ଥିବାରୁ ପ୍ଲାଟଫର୍ମ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଦଶପଲ୍ଲା ରେଳ ଷ୍ଟେଶନ ଉଦ୍‌ଘାଟିତ ହେବା ପରଠାରୁ ଯାତ୍ରୀଙ୍କ ସଂଖ୍ୟା ଲଗାତାର ବୃଦ୍ଧି ପାଇ ଚାଲିଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଭୁବନେଶ୍ୱର ଏବଂ ପୁରୀ ଯାଉଥିବା ଟ୍ରେନର ବଗି ସଂଖ୍ୟା ବୃଦ୍ଧି କରାଯାଉନାହିଁ । ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ସେହିପରି ନୟାଗଡ଼ ରାଜ୍ୟ ରାଜପଥର ବରପଲ୍ଲୀ ଛକଠାରେ ରେଳ ବିଭାଗ ପକ୍ଷରୁ ନିର୍ମାଣଧୀନ ଫ୍ଲାଏ ଓଭରବ୍ରିଜ କାମ ଗତ ୨ବର୍ଷ ଧରି ଅତି ମନ୍ଥରଗତିରେ ଚାଲୁଛି। ଏଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ସେହିଭଳି ରାଜ୍ୟ ରାଜପଥରୁ ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଆଲୋକ ବ୍ୟବସ୍ଥା ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଛି । ଏହାର ମରାମତି କରାଯାଉନାହିଁ । ଏନେଇ ରେଳ ବିଭାଗରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ । ଏହାର ସମାଧାନ ତୁରନ୍ତ ନ ହେଲେ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି।

# ଖଣ୍ଡପଡ଼ାରେ ନିର୍ବାଚନ ବାତାବରଣ ଉଷ୍ମ

- ଭାଜପା ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ
- ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ କଂଗ୍ରେସ, ବିଜେଡି

ଖଣ୍ଡପଡ଼ା,୭।୪(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାର ୪ ନିର୍ବାଚନ ମଣ୍ଡଳୀରୁ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରରେ ମେ ୨୫ରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ଏଥିପାଇଁ ବିଭିନ୍ନ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ ହୋଇ ସାରିଛି । ଭାଜପା ପକ୍ଷରୁ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଶାସକ ବିଜେଡି ଓ ଜାତୀୟ କଂଗ୍ରେସ ପକ୍ଷରୁ ଏଯାବତ କାହାର ନାମ ଘୋଷଣା କରାଯାଇନାହିଁ । ଏହାର ସୁଯୋଗ ନେଇ ଦୁଷ୍ମନ୍ତ ନିର୍ବାଚନ ରଣାଙ୍ଗନରେ ନିଜ ପ୍ରଚାରକୁ ଜୋରଦାର କରିଛନ୍ତି । ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ସାମଗ୍ରୀକ ବିକାଶ ଓ ନେତୃତ୍ୱ ପରିବର୍ତ୍ତନର ସ୍ଲୋଗାନ ଦେଇ ସ୍ୱାଇଁ ଓ ତାଙ୍କ ସମର୍ଥକମାନେ ଗାଁ କୁ ଗାଁ ବୁଲି ସାଧାରଣ ଭୋଟରଙ୍କୁ ଭେଟୁଛନ୍ତି । ଅପରପକ୍ଷେ




ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ଅନ୍ୟମାନେ।

ଶାସକ ବିଜେଡି ପକ୍ଷରୁ ଅଦ୍ୟାବଧି ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିଲେ ମଧ୍ୟ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ବିଭିନ୍ନ ଅଞ୍ଚଳକୁ ଯାଇ ଜନସମ୍ପର୍କକୁ ବଢ଼ାଇ ଚାଲିଛନ୍ତି। ବିଶେଷ କରି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଜରିଆରେ ପ୍ରତି ପଞ୍ଚାୟତରେ ସେ ଶୋଭାଯାତ୍ରାର ଆୟୋଜନ କରି ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଛି । ସେହିପରି ପୂର୍ବତନ ଭାପୁର ବ୍ଲକ୍ ଅଧ୍ୟକ୍ଷ ଗୟାଧର ପରିଡ଼ା ମଧ୍ୟ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ପରିକ୍ରମା କରୁଥିବା ପରିଲକ୍ଷିତ ହେଉଛି । ତେବେ ବିଜେଡି କାହା ଉପରେ ଆସ୍ଥା ପ୍ରକଟ କରିବେ ଏନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଅଦ୍ୟାବଧି ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନ ଥିଲେ ମଧ ଗତ ୨୦୧୯ ନିର୍ବାଚନ ଲଢ଼ିଥିବା ବସନ୍ତ କୁମାର ମହାରଣା ଦଳ ପକ୍ଷରୁ ପ୍ରାର୍ଥୀ ହେବା ପାଇଁ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ କଂଗ୍ରେସ ଓ ବିଜେଡି ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିଲେ ମଧ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ବାତାବରଣ ସମୟାନୁକ୍ରମେ ଉଷ୍ମ ହେବାରେ ଲାଗିଛି ।

# ପିଏମ୍‌ଜିଏସ୍‌ୱାଇ ରାସ୍ତା କାମରେ ହରିଲୁଟ

## କାମ ନ ସରୁଣୁ ଉଠିଗଲା କଂକ୍ରିଟ

ଯାଜପୁର,୭।୪(ହର୍ଷବର୍ଦ୍ଧନ ବେହେରା)



ମଧୁସୂଦନପୁର ଭାୟା ରଘୁନାଥପୁର ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ରାସ୍ତା ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)ରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ-୨ ଅନ୍ତର୍ଗତ ମଧୁସୂଦନପୁର ଭାୟା ରଘୁନାଥପୁର ହୋଇଥିବା ରାସ୍ତା କାର୍ଯ୍ୟରେ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନ ସରୁଣୁ ବିଭିନ୍ନ ସ୍ଥାନରେ କଂକ୍ରିଟ ଉଠିଯିବା ସହ କିଛି ଅଂଶ ଭାଙ୍ଗି ଖାଲ ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପ ପରେ ବିଡିଭିଜନ-୨ର ଅଧୀକ୍ଷଣ ଯନ୍ତ୍ରୀଙ୍କ ପରୋକ୍ଷ ସହଯୋଗରେ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରାଯାଇ ଦୁର୍ନୀତିକୁ ସୁରକ୍ଷା ଦିଆଯାଇଛି। ଏନେଇ ସମ୍ପୃକ୍ତ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟ ଯନ୍ତ୍ରୀ ୩।୪।୨୦୨୪ରେ ଯୁଗ୍ମ ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏସ୍‌କ୍ୟୁଏମ୍ ସରୋଜ କୁମାର ପାଢ଼ୀ ଓ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟର ସୋମନାଥ ପରିଡାଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ନିର୍ବାଚନ ସମୟରେ ଖୋଲାଖୋଲି ଏଭଳି ଦୁର୍ନୀତି ଉପରେ ଅଞ୍ଚଳବାସୀ ବିଭାଗୀୟ ତଦନ୍ତକାରୀ ଅଧୀକ୍ଷଣ ଯନ୍ତ୍ରୀ ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ଠିକାଦାରଙ୍କ ମଧୁଚନ୍ଦ୍ରିକା ରହିଛି ବୋଲି ମତବ୍ୟକ୍ତ କରିଛନ୍ତି। ଏହାବାଦ୍ ଏଥିରେ ବ୍ୟାପକ ପିସି କାରବାର ଅନ୍ୟତମ ପ୍ରମୁଖ କାରଣ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରି ଅଞ୍ଚଳର ବିକାଶ ପ୍ରକ୍ରିୟାରେ ସନ୍ତୁଳନ ରକ୍ଷା କରିବା ପାଇଁ ପିଏମ୍‌ଜିଏସ୍‌ୱାଇ ପ୍ରଣିତ ହୋଇଛି। ଏଠାକାର ଅଧିବାସୀଙ୍କ ଯୋଗାଯୋଗର ପ୍ରମୁଖ ମାଧ୍ୟମ ହେଉଛି ସଡ଼କ ପଥ । ଏହି ଯୋଜନାରେ ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଉଛି ସତ, ହେଲେ ଠିକାକାମକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଯାଜପୁର ଜିଲାର ଯେ କୌଣସି ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟକୁ ଦେଖିଲେ ସ୍ୱାଭାବିକ ଭାବେ ଏହି ଯୋଜନା କେତେ ସଫଳ, ତାହା ଜଣାପଡ଼ିବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନ୍ୟାନ୍ୟ ଯୋଜନା ବ୍ୟତୀତ କେବଳ ପିଏମ୍‌ଜିଏସ୍‌ୱାଇରେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ କେତେକାଂଶରେ ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଠିକାଦାର ଓ ଯନ୍ତ୍ରୀଙ୍କ ପକେଟ ଗରମ କରୁଥିବା ଅଭିଯୋଗ ହେଉଛି। ଏହାର ଉଦାହରଣ ଭାବେ ଏନ୍‌ଏଚ୍-୧୬ଠାରୁ ମଧୁସୂଦନପୁର ଭାୟା ରଘୁରାଜପୁର ରାସ୍ତାକୁ ନିଆଯାଇପାରେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ୨୦୨୧-୨୨ ବର୍ଷରେ ୭.୩୪୦ କିଲୋମିଟରର ଏହି ରାସ୍ତା କାମ ପାଇଁ ୫ କୋଟି ୨୫ ଲକ୍ଷ ୫୦ ହଜାର ଟଙ୍କା ଅଟକଳ ପ୍ରସ୍ତୁତ ହୋଇଥିଲା। କିନ୍ତୁ ନିର୍ମାଣର ୨ ମାସ ପରେ ରାସ୍ତାର କଂକ୍ରିଟ ଉଠିଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠରେ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ୧୫।୧୨।୨୦୨୩ ସୁଦ୍ଧା ଏହି ରାସ୍ତା କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲେ ହେଁ ଅଦ୍ୟାବଧି ମାତ୍ର ୪୦ ଭାଗ କାର୍ଯ୍ୟ ଶେଷ ହୋଇଛି। ଏଥିନେଇ ବିଭାଗ ପକ୍ଷରୁ ଠିକାଦାରଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇନାହିଁ। ଦୀର୍ଘଦିନ ହେଲା ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତା ନିର୍ମାଣର ବିଭିନ୍ନ ସ୍ତରରେ ଆବଶ୍ୟକ ପରିମାଣର ରୋଲିଂ କରାଯାଇ ନାହିଁ। ଠିକ୍ ପରିମାଣର ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର ହୋଇ ନଥିବାରୁ ରାସ୍ତାର ପୂର୍ବ ଉଚ୍ଚତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ନିର୍ମାଣ କାର୍ଯ୍ୟ ଆରମ୍ଭ ବେଳେ ପୁରୁଣା ପିଚୁକୁ କଢ଼ାଯାଇ ରାସ୍ତାରୁ ବାହାର କରାଯାଇନାହିଁ। ଅନେକ ସ୍ଥାନରେ ଆଦୌ ରାସ୍ତା ଖୋଳା ନ ଯାଇ ପୁରୁଣା ପିଚୁ ଉପରେ ରାସ୍ତା ନିର୍ମାଣ କରାଯାଇଛି। ତେଣୁ ରାସ୍ତାର ମରାମତି ବଦଳରେ ପୁନଃ ନିର୍ମାଣ କରାଯାଇ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତାର ଆବଶ୍ୟକ ମରାମତି କରାଯିବ। ସେହିପରି ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଉପରେ ଉପଯୁକ୍ତ ସହଯୋଗ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।

# ବିଜେଡି ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ଗୋରେଖନାଥ, ଶାରଳା ମନ୍ଦିର ଦର୍ଶନ



ଗୋରେଖନାଥ ମନ୍ଦିର ପରିସରରେ ସମର୍ଥକଙ୍କ ସହ ଡା. ରାଜଶ୍ରୀ ମଲ୍ଲିକ ଓ ରମାକାନ୍ତ ଭୋଇ ।

ରଘୁନାଥପୁର,୭।୪ (ରାଜେନ୍ଦ୍ର ନାରାୟଣ ସିଂହ)

ବିଜେଡି ପକ୍ଷରୁ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥିନୀ ଡା.ରାଜଶ୍ରୀ ମଲ୍ଲିକ ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ଦଳୀୟ କର୍ମୀଙ୍କ ସହ ଏକ ପଟୁଆରରେ ଯାଇ ରବିବାର ପ୍ରଭୁ ଗୋରେଖନାଥ ଓ ମା'ଶାରଳାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଦଳୀୟ ଟିକେଟ ମିଳିବାପରେ ଉଭୟ ପ୍ରାର୍ଥୀ ରବିବାର ବିରିଡି ବ୍ଲକ ବାଇଶିମୌଜାରୁ ଏକତ୍ରିତ ଭାବେ ଯାତ୍ରା ଆରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ରବି ନାରାୟଣଜେନା, ସରପଞ୍ଚ ଜୟନ୍ତୀ ଦାସ, ଜଗବନ୍ଧୁ ମଲ୍ଲିକ, ଓଡ଼ିଶା ମୋ ପରିବାର ଉପଦେଷ୍ଟା ଡ.ସୁରେନ୍ଦ୍ରନାଥ ମହାପାତ୍ର, ଚନ୍ଦ୍ରକାନ୍ତ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ଦିବାକର ଖଟୁଆ, ସରପଞ୍ଚ ସୁଷମା ମଲ୍ଲିକ, ଚନ୍ଦ୍ରଶେଖର ସିଂହ, ସ୍ରୋତସିନୀ ସିଂହ, ମାନସ ଦାସ, ବସନ୍ତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ମଧ୍ୟରାତ୍ରରେ ଦୁର୍ଘଟଣା, ଛାତ୍ର ମୃତ

## ଥାନାରେ ହତ୍ୟା ଅଭିଯୋଗ କଲେ ବାପା

ପାରାଦୀପ,୭।୪(ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ମଧୁବନ ଏନ୍‌ଏସି ହାଇସ୍କୁଲ ପାଖରେ ରବିବାର ସକାଳୁ ଜଣେ ଛାତ୍ରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସନ୍ଧ୍ୟାରେ ଛାତ୍ରଙ୍କ ବାପା ଥାନାରେ ଏନେଇ ହତ୍ୟା ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଥାନାରେ ମାମଲା (ନଂ. ୯୮/୨୪)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ର ହେଲେ ଆଶୁତୋଷ ନାୟକ (୧୭)। ସେ ଯୁକ୍ତ୨ରେ ପଢୁଥିଲେ। ବାପା ରଶ୍ମିରଞ୍ଜନ ବନ୍ଦର ଠିକା କର୍ମଚାରୀ ଓ ମା'ଶିକ୍ଷୟିତ୍ରୀ। ତାଙ୍କ ଘର କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କୁଶୁନପୁର ଗ୍ରାମରେ ହୋଇଥିବାବେଳେ ମଧୁବନ ରାମଚରିତ ମାନସ ପଡ଼ିଆ ପାଖ କ୍ୱାର୍ଟରରେ ରୁହନ୍ତି। ଶନିବାର ବିଳମ୍ବିତ ରାତି ପ୍ରାୟ ୧୨ଟା୩୦ରେ ଆଶୁତୋଷ ହଠାତ୍ ସ୍କୁଟି ନେଇ ଘରୁ ପଳାଇଥିଲେ। ତା'ପରେ ତାଙ୍କର ମୋବାଇଲ ସୁଇଚ୍ ଅଫ୍ ହୋଇ ଯାଇଥିଲା। ସକାଳୁ ପୁଅ ମେଡ଼ିକାଲରେ ଥିବା ନେଇ ପୋଲିସ ଖବର ଦେଇଥିଲା ବୋଲି ରଶ୍ମିରଞ୍ଜନ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ବିଳମ୍ବିତ ରାତିରେ ସ୍କୁଲ ରାସ୍ତା ପାଖ ଏକ ଗଛରେ ପିଟି ହେବାରୁ ଜଣେ ପିଲାର ମୃତ୍ୟୁ ଘଟିଛି ବୋଲି କେତେଜଣ ଲୋକ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଏହି ସୂଚନା ଆଧାରରେ ପୋଲିସ ଆଶୁତୋଷଙ୍କୁ ମୃତ ଅବସ୍ଥାରେ ସେଠାରୁ ପାଇଥିଲେ। ଶନିବାର ରାତିରେ ଜିରୋପଏଣ୍ଟଠାରେ ଦୁର୍ଘଟଣା ଯୋଗୁ ଜଣେ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ୪ ଘଣ୍ଟା ବ୍ୟବଧାନରେ ଦୁର୍ଘଟଣାରେ ଆଉ ଜଣଙ୍କ ଜୀବନ ଚାଲିଯିବା ଚର୍ଚ୍ଚାର ବିଷୟ ହୋଇଛି।

# ଘରେଘରେ ଶଙ୍ଖ, ବୁଥ୍ କମିଟି ଗଠନ

ରଘୁନାଥପୁର, ୭।୪ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଥା ପଞ୍ଚାୟତର ଅଯୋଧ୍ୟାପୁରଠାରେ ଥିବା ମା'କ୍ଷେତ୍ରବୁଢ଼ୀ ମନ୍ଦିର ପ୍ରାଙ୍ଗଣରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଓ ବୁଥ୍ କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ଦିଲୀପ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ମୋ ପରିବାର ଉପଦେଷ୍ଟା ଡ ସୁରେନ୍ଦ୍ରନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ଓଡ଼ିଶା ବିକାଶର ପ୍ରମୁଖ ବିନ୍ଧାଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟ ଓ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ସରପଞ୍ଚ ସୁଚିତ୍ରା ପଣ୍ଡା, ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା, ସମିତି ସଭ୍ୟାଙ୍କ ପ୍ରତିନିଧି ଟୁକୁନା ବରାଳ, ସୁବାସ ଦାସ ଓ ନିର୍ମଳ ଦାସ ପ୍ରମୁଖ ଯୋଗଦେଇ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ସଂକଳ୍ପ ନେବାକୁ ପଡ଼ିବ ବୋଲି କହିଥିଲେ। ପର୍ଯ୍ୟବେକ୍ଷକ ଡ. ମହାପାତ୍ରଙ୍କ ଉପସ୍ଥିତିରେ ପଞ୍ଚାୟତର ୧୯ ୱାର୍ଡକୁ ନେଇ ବୁଥ୍ କମିଟି ଗଠନ କରାଯାଇ ସଭାପତି ଓ ସମ୍ପାଦକ ଚୟନ କରାଯାଇଥିଲା। ଏହି କମିଟିରେ ମୋଟ୍ ୨୧ଜଣ ସଦସ୍ୟଙ୍କୁ ନିଆଯାଇଥିଲା। ସେଥିରୁ ୭ଜଣ ମହିଳା, ୭ଜଣ ଯୁବଛାତ୍ର, ୭ଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ରହିଛନ୍ତି। ଏହି ଚୟନ ପ୍ରକ୍ରିୟାରେ ପ୍ରତ୍ୟେକ ୱାର୍ଡ ପାଇଁ ସଭାପତି ଓ ସମ୍ପାଦକ ଚୟନ କରାଯାଇଥିଲା। ଶେଷରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଯୁବ ଉପସଭାପତି ଚନ୍ଦ୍ରକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ବିଜେଡି ସଙ୍ଗଠନ କିଭଳି ଆହୁରି ଶକ୍ତିଶାଳୀ ହେବ ସେସମ୍ପର୍କରେ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ, ବୁଦ୍ଧିଜୀବୀ, ମହିଳା ଓ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଜେଡି କର୍ମୀମାନେ ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସଚେତନତା ପଦଯାତ୍ରା, ସଭା




ସଚେତନତା ଶୋଭାଯାତ୍ରାକୁ ଅତିଥି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ଯାଜପୁରରୋଡ୍,୭।୪ (ପବିତ୍ର ରଞ୍ଜନ ମହାନ୍ତି):

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ବ୍ୟାସନଗର ସହରରେ ଏକ ସଚେତନତା ପଦଯାତ୍ରା ଓ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଟାଟା ମେଡିକା, ଭାରତୀୟ ଚିକିତ୍ସକ ସଂଘ ଯାଜପୁର ରୋଡ୍ ଶାଖା, ଲାଇନ୍ସ କ୍ଲବ ଓ ଦେବ ଇଣ୍ଟରନ୍ୟାଶନାଲ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଚୋରଦା କାଳୀମେଳଣ ପଡ଼ିଆରୁ ସଚେତନତା ପଦଯାତ୍ରା ଆରମ୍ଭ ହୋଇ ସହରର ମୁଖ୍ୟ ରାସ୍ତାଦେଇ ଗୋପବନ୍ଧୁ ଛକନିକଟରେ ପହଞ୍ଚିଥିଲା। ଆୟୋଜକ ସଂଗଠନ ସଦସ୍ୟ, କର୍ମକର୍ତ୍ତା, ଲାୟନ୍ସ କ୍ଲବ ଓ ବିଦ୍ୟାଳୟ ଛାତ୍ରୀଛାତ୍ର ଏକାଠି ହୋଇ ଏହି ଦିନର ତାତ୍ପର୍ଯ୍ୟ ଉପରେ ଲୋକଙ୍କୁ ସଚେତନ କରାଇଥିଲେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚଳିତ ବର୍ଷର ବାର୍ତ୍ତା 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର' ସ୍ଲୋଗାନ ସହିତ ସ୍ୱାସ୍ଥ୍ୟ ହିଁ ସମ୍ପଦ, ଉପଯୁକ୍ତ ସନ୍ତୁଳିତ ଆହାର ସେବନ, ଦୈନିକ ଶାରୀରିକ ବ୍ୟାୟାମ, ସୁସ୍ଥ ପରିବେଶ ଓ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ ଆଦି ବାର୍ତ୍ତାଗୁଡ଼ିକ ପ୍ଲାକାର୍ଡ ଧରି ସଚେତନ କରାଇଥିଲେ। ଶୋଭାଯାତ୍ରା ଗୋପବନ୍ଧୁ ଛକଠାରେ ପହଞ୍ଚିବାପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ପ୍ରସନ୍ନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଚିକିତ୍ସକ ଡାକ୍ତର ଗୌରୀଶଙ୍କର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡାକ୍ତର ସୁରେନ୍ଦ୍ର କୁମାର ସାହୁ, ଟାଟା ମେଡିକାର ନିର୍ଦ୍ଦେଶକ ସୁଧାଂଶୁ ଶେଖର ସୁତାର, ବ୍ୟାସନଗର ପୌର ପରିଷଦ ଉପନଗରପାଳ ସୁବାସ ବଳ, ଲାୟନ୍ସ କ୍ଲବ କଳିଙ୍ଗନଗରର ପ୍ରଫୁଲ୍ଲ କୁମାର ସାମଲ, ପ୍ରଲୁବ୍ଧ କୁମାର ଜେନା, ଦେବ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଏକାଡେମୀକ ସଂଯୋଜକ ସୋନିଆ ବେଦୀ, ବ୍ୟାସ ପ୍ରିଣ୍ଟ ମିଡିଆ ସଭାପତି ହାରାଧନ ବାନାର୍ଜୀ ଓ ସମ୍ପାଦକ ଚିନ୍ତାମଣି ପାଢ଼ୀ ପ୍ରମୁଖ ଯୋଗଦେଇ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

# ପିଲା ଚୋର ଗୁଜବ, ଲୋକେ ସଚେତନ ହୁଅନ୍ତୁ

## ଜଗତ୍‌ସିଂହପୁର ଥାନା ପକ୍ଷରୁ ପ୍ରେସ୍ ଇସ୍ତାହାର

ଜଗତ୍‌ସିଂହପୁର, ୭।୪ (ପ୍ରମୋଦ କୁମାର ନାୟକ)

କିଛି ଦିନ ହେଲା ବିଭିନ୍ନ ଅଞ୍ଚଳରେ ବୁଲୁଥିବା ଭିକାରି, ମାନସିକ ରୋଗୀ ଓ ପଥଭ୍ରଷ୍ଟ ଶ୍ରମିକଙ୍କୁ ଲୋକେ ପିଲା ଚୋର ଭାବି ମାରଧର କରୁଛନ୍ତି। ଏହା ଦୁଃଖଦାୟକ ଘଟଣା। ଏଭଳି ଘଟଣାରେ ସମ୍ପୃକ୍ତ ଲୋକେ ମଧ୍ୟ ଅସୁବିଧାରେ ପଡୁଛନ୍ତି। ତେଣୁ ପ୍ରତ୍ୟେକେ ଏ ବାବଦରେ ସଚେତନ ହେବା ଜରୁରୀ। ବିଶେଷକରି ପଞ୍ଚାୟତ ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳର ଲୋକଙ୍କୁ ପିଲା ଚୋର ଗୁଜବରେ ପ୍ରଭାବିତ ନ ହେବା ପାଇଁ ସଚେତନତା ସୃଷ୍ଟି କରିବା ଉଚିତ। ରବିବାର ପଞ୍ଚାୟତ ପ୍ରତିନିଧିମାନଙ୍କୁ ଜଗତ୍‌ସିଂହପୁର ଥାନା ପକ୍ଷରୁ ଆଇଆଇସି ଗୋକୁଳ ରଞ୍ଜନ ଦାଶ ଏହି ବାର୍ତ୍ତା ଦେଇଛନ୍ତି। ଗଣମାଧ୍ୟମକୁ ଏ ସମ୍ପର୍କିତ ଦିଆଯାଇଥିବା ପ୍ରେସ ଇସ୍ତାହାରରେ ଦର୍ଶାଯାଇଛି, ବର୍ତ୍ତମାନ ସମୟରେ କିଛି ଅଞ୍ଚଳରେ ପିଲାଚୋର ଗୁଜବ ପ୍ରଚାର ହେଉଥିବାରୁ ପ୍ରତ୍ୟେକ ଏଥିରୁ ଦୂରେଇ ରୁହନ୍ତୁ। କୌଣସି ଅଜଣା ବ୍ୟକ୍ତିଙ୍କୁ ନିଜ ଅଞ୍ଚଳରେ ଦେଖିଲେ ସଙ୍ଗେସଙ୍ଗେ ୧୧୨ କିମ୍ବା ନିଜ ଥାନା ଅଧିକାରୀଙ୍କୁ ଫୋନ କରି ଜଣାନ୍ତୁ। ଆଇନକୁ ହାତକୁ ନିଅନ୍ତୁ ନାହିଁ, କି ଅସୁବିଧାରେ ପଡ଼ି ପଥଭ୍ରଷ୍ଟ ହୋଇଥିବା ନିରୀହ ଲୋକଙ୍କୁ ମାରଧର କରନ୍ତୁ ନାହିଁ ବୋଲି ଉଲ୍ଲେଖ କରାଯାଇଛି।

# ଚୈତ୍ର କବିତା ଆସର

ରାହାମା,୭।୪(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅଧୀନ ରାହାମା ତେରମାଣପୁର ଠାରେ ଥିବା ଶ୍ରୀନୃସିଂହ ମନ୍ଦିର ପରିସରରେ ମାଟିଘର ପକ୍ଷରୁ ଚୈତ୍ର କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. କ୍ଷୀରୋଦ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ସମ୍ପାଦକ ବିଷ୍ଣୁ ପ୍ରସାଦ ସେଠୀ ବିବରଣୀ ପାଠ କରିଥିଲେ। ନୀରୋଦ କୁମାର ଆଚାର୍ଯ୍ୟ, ଆଇନଜୀବୀ ଟୁକନ ଚରଣ ସେଠୀ, ବିଜୟ କୁମାର ମୁଦୁଲି, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ଇନ୍ଦୁପ୍ରଭା ବିଶ୍ୱାଳ, ସଂଯୁକ୍ତା ସାହୁ, ତିର୍ତ୍ତୋଲ କଲେଜ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅଶୋକ କୁମାର ରାଉତ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ରବି ସାର, ଧୀରେନ୍ଦ୍ର କୁମାର ବେହେରା, ଗୀତା ଦାସ, ଅଧିକାରୀ ରମାକାନ୍ତ ଦାସ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ରାଉତ କବିତାର ସମୀକ୍ଷା କରିଥିବାବେଳେ ଧୀରେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆସରରେ ଯୋଗଦେଇଥିବା କବି, କବୟିତ୍ରୀ ଓ ଅନ୍ୟମାନେ ।

# ଫାଶ, ଟେଣ୍ଟା ଜବତ, ଦୁଇ ଶିକାରୀ ଗିରଫ

ରାଜନଗର, ୭।୪ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର ବରୁଣେଇ ଫରେଷ୍ଟ ବ୍ଲକ ଅଞ୍ଚଳରେ ବାର୍ହା ଶିକାର ପାଇଁ ଫାସ ବସାଇଥିବା ୨ ଶିକାରୀଙ୍କୁ ବନ କର୍ମଚାରୀମାନେ ଗିରଫ କରିଛନ୍ତି। ବରୁଣେଇ ଫରେଷ୍ଟ ବ୍ଲକର ଯୋଗୀନାଥ ନିକଟରେ ଶିକାରୀମାନେ ବାର୍ହା ଶିକାର ପାଇଁ ଫାସ ବସାଇଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସବିତା ବେହେରା, ଦୁର୍ଯ୍ୟୋଧନ ଦାସ, ରତ୍ନାକର ବିଶ୍ୱାଳ ପ୍ରମୁଖ ବନକର୍ମଚାରୀ ଶନିବାର ରାତି ସାଢେ ୩ଟାରେ ଚଢାଉ କରି ଜଙ୍ଗଲ ଭିତରୁ ବ୍ରାହ୍ମଣସାହି ଗାଁର ନିର୍ମଳ ଜେନା ଓ ଅଭିମନ୍ୟୁ ବେହେରାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୪ଟି ଫାସ, ୧ ଟେଣ୍ଟା, ୨ଟି କଟୁରୀ ଓ ୨ ଟି ଲାଠି ଜବତ ହୋଇଛି।

# ଦଶରଥପୁରରେ ପାନୀୟ ଜଳ ପାଇଁ ହନ୍ତସନ୍ତ

## ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସରୁନି

ଝୁମ୍ପୁରୀ,୭।୪(ସରୋଜ ନାୟକ):



ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇଚାଲିଛନ୍ତି। ହେଲେ ଏହି ପ୍ରତିଶ୍ରୁତି କେବଳ ପାଣିର ଗାର ସଦୃଶ ହୋଇଛି। ଏବେବି ଲୋକେ ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେବାସହ ଲାଇନ୍ ଦେଇ ଗୋଟାଏ ଗୋଟାଏ ନଳକୂପରୁ ଜୀବନ ବଞ୍ଚାଇବା ପାଇଁ ପାଣି ସଂଗ୍ରହ କରୁଛନ୍ତି। ଏପରି ଅବସ୍ଥା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ୍ ଅଞ୍ଚଳରେ। ଏଠାରେ ପାଣି ପାଇଁ ଲୋକଙ୍କୁ ବାର ଦୁଆର ହେବାକୁ ପଡୁଛି। ବ୍ଲକ୍ ଅଞ୍ଚଳରେ ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବାପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ନାମରେ ପ୍ରାୟ ୨୫୦ କୋଟି ଟଙ୍କା ସରକାର ଖର୍ଚ୍ଚ କରିବାକୁ ସ୍ଥିର କରି ଏକ କମ୍ପାନୀକୁ କାର୍ଯ୍ୟାଦେଶ ଦେଇଥିଲେ। ଦୁଇବର୍ଷ ମଧ୍ୟରେ କାର୍ଯ୍ୟ ସରିବାର ଅବଧି ଥିଲେ ମଧ୍ୟ ପ୍ରାୟ ୪ ବର୍ଷ ହୋଇଗଲାଣି ଏପର୍ଯ୍ୟନ୍ତ ଗୋଟିଏ ବି ପଞ୍ଚାୟତରେ ପ୍ରକଳ୍ପ କାମ ସରି ପାରିନାହିଁ।

ସିଦ୍ଧେଶ୍ୱରଠାରେ ବୈତରଣୀ ନଦୀରୁ ପାଇପ୍ ଯୋଗେ ପାଣି ଆଣି ଏହାକୁ ବିଶୁଦ୍ଧ କରିବା ପାଇଁ ଏକ ପ୍ଲାଣ୍ଟ ବସାଇ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଛି। ବ୍ଲକ୍‌ର ୩୫ ପଞ୍ଚାୟତରୁ ପ୍ରାୟ ୨୫ ପଞ୍ଚାୟତରେ ଓଭର ହେଡ୍ ଟାଙ୍କି କମ୍ପାନୀ ପକ୍ଷରୁ ନିର୍ମାଣ ସରିଥିବାବେଳେ ୨୦ଟି ପଞ୍ଚାୟତରେ ବୋରିଂ ସିଷ୍ଟମରେ ପାଣି ଦେବାପାଇଁ ବୋରିଂ ଖୋଳା ସରିଛି। ହେଲେ ପାଣି ପହଞ୍ଚି ନ ଥିବାରୁ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।

ପ୍ରଥମେ ଏଷ୍ଟମେଟ୍‌ର ହୋଇଥିବା ଅର୍ଥର ପ୍ରାୟ ୩ ଗୁଣ ଡେଭିଏସନ୍ ମାଧ୍ୟମରେ ଏହି କମ୍ପାନୀ ସରକାରଙ୍କଠାରୁ ଅର୍ଥ ନେଇସାରିଥିଲାବେଳେ ଏବେ ସୁଦ୍ଧା ପ୍ରକଳ୍ପ ଶେଷ କରିନି। ପୂର୍ବରୁ ଏହି ବ୍ଲକ୍‌ରେ ବସୁଧା ଜଳ ଯୋଗାଣ ନାମରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ କିଛି ପଞ୍ଚାୟତରେ ଓଭର ହେଡ୍ ଟାଙ୍କି କରାଯାଇ ଜଳ ଯୋଗାଇ ଦିଆଯାଉଥିଲା। ଏହି ମେଗା କମ୍ପାନୀ ବସୁଧା ଜଳ ଯୋଗାଣକୁ କାଗଜପତ୍ରରେ ମେଗା ଜଳ ଯୋଗାଣ ନାମରେ ଭୁଲ୍ ତଥ୍ୟ ୱେବ୍‌ସାଇଟ୍‌ରେ ଦେଇଥିବା ଜଣାପଡ଼ିଛି। କମ୍ପାନୀ କିଛି ପଞ୍ଚାୟତରେ ପାଣି ପାଇପ୍ ବିଛା କାର୍ଯ୍ୟ କରିଥିବାବେଳେ କେତେକ ଜାଗାରେ ଷ୍ଟାଣ୍ଡ ପୋଷ୍ଟ ଆଖିଦେଖାଣିଆଭାବେ ଲଗାଉଛି। ପାଇପ୍ ବିଛା କାର୍ଯ୍ୟରେ ପ୍ରତି ପଞ୍ଚାୟତର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମୁଖ୍ୟ ରାସ୍ତା ଓ ଗ୍ରାମ୍ୟ ରାସ୍ତାକୁ ଏହି କମ୍ପାନୀ ଭାଙ୍ଗି ଚୁରମାର କରିଦେଇଛି। ରାସ୍ତା ଭାଙ୍ଗି ପାଇପ୍ ବିଛାଇବା ପରେ ସେହି ରାସ୍ତାକୁ ମରାମତି କରିବାକୁ କମ୍ପାନୀ ସରକାରଙ୍କଠାରେ ଚୁକ୍ତି କରିଛି। ହେଲେ ଭାଙ୍ଗିଥିବା ରାସ୍ତାଗୁଡ଼ିକୁ ନିର୍ମାଣ କରିବାର ନାଁଧରୁନି। ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ନଦୀନାଳ ଗଡ଼ିଆ ସହ ଶତାଧିକ ନଳକୂପ ଅଚଳ ହୋଇଗଲାଣି। କେଉଁଠି ନଳକୂପରୁ ହଳଦିଆ ପାଣି ବାହାରୁଛି ତ କେଉଁଠି ଲୁଣି ପାଣି ବାହାରୁଛି। ପିଇବା ପାଇଁ ଏହା ଅନୁପଯୁକ୍ତ ହୋଇଥିବାରୁ ଲୋକେ ସ୍ୱଚ୍ଛ ପାଣି ମୁନ୍ଦାଏ ପାଇଁ ଡବଳ ବିକଳ ହେଉଛନ୍ତି। ବ୍ଲକ୍‌ର ପ୍ରାୟ ପଞ୍ଚାୟତର ଏପରି ଅବସ୍ଥା ଦେଖିବାକୁ ମିଳିଛି। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଆସିଲା ନିର୍ବାଚନ, ବଢୁଛି ଚୋରା ମାଦକଦ୍ରବ୍ୟ କାରବାର

**ଜଗତ୍‌ସିଂହପୁର, ୭।୪ (ପ୍ରମୋଦ କୁମାର ନାୟକ)**

■ ନକଲି ମଦ ପ୍ରବେଶ ଭୟ ଘାରୁଛି
■ ସୁଯୋଗ ଅପେକ୍ଷାରେ ର୍ୟାକେଟ୍

୨୦୨୪ ସାଧାରଣ ନିର୍ବାଚନ ନେଇ ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ସାରିଲାଣି। ଏନେଇ ସାରା ଜିଲାରେ ନିର୍ବାଚନୀ ମାହୋଲ ସୃଷ୍ଟି ହୋଇଛି। ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରିବା ପାଇଁ ଏବେଠାରୁ ବିଭିନ୍ନ ଦଳର ପ୍ରାର୍ଥୀ ଓ ଆଶାୟୀମାନେ ମଦ, ମାଂସ ଦେବା ଆରମ୍ଭ କରି ଦେଲେଣି। ତେଣୁ ସାରା ଜିଲାରେ ଚୋରା ମାଦକଦ୍ରବ୍ୟ କାରବାର ବଢ଼ିବାରେ ଲାଗିଛି। ଏପରିକି ନକଲି ମଦ ପ୍ରବେଶ ଆଶଙ୍କା ଚିନ୍ତାର କାରଣ ହୋଇଛି। ଚୋରା ଓ ନକଲି ମଦ ର୍ୟାକେଟ ନିର୍ବାଚନ ସମୟରେ ଭରପୂର ଫାଇଦା ଉଠାଇବା ନେଇ ଖସଡ଼ା ପ୍ରସ୍ତୁତ କରୁଥିବା କେତେଜଣ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି। ସେମାନଙ୍କ ଯୁକ୍ତି ହେଲା, ୨୦୨୪ ନିର୍ବାଚନରେ ଗାଁଠୁ ସହର ପର୍ଯ୍ୟନ୍ତ ଚାରିଆଡେ ପ୍ରଚୁର ପରିମାଣର ମଦ ଦରକାର ହେବ। ଏବେ ଯାହା ଚାଲିଛି ତାହା ଧୀରେ ଧୀରେ ବହୁଗୁଣିତ ହୋଇଯିବ। ଯେହେତୁ ପ୍ରାୟତଃ ଗାଁରେ ଚୋରା ମଦ କାରବାର ଚାଲିଛି ତେଣୁ ସେମାନେ ମନଇଚ୍ଛା ଦର ବୃଦ୍ଧି କରିଦେବେ। ଏଥିସହ ଅନେକ ଶସ୍ତାରେ ନକଲି ମଦ କିଣି ବହୁ ଟଙ୍କା ବିକି ଲାଭ ଉଠାଇବେ। କେବଳ ମଦ ନୁହେଁ, ବ୍ରାଉନ୍‌ସୁଗାର କାରବାର ମଧ୍ୟ ଚିନ୍ତାର କାରଣ ହୋଇଛି। ଏବେ ବ୍ରାଉନ୍‌ସୁଗାର ର୍ୟାକେଟ୍ ଯେଉଁଭଳି ଭାବେ କାୟା ବିସ୍ତାର କରି ଚାଲିଛି ତାହା ସାଧାରଣ ଲୋକଙ୍କୁ ଅତିଷ୍ଠ କରିଥିବା ବେଳେ ଆଗାମୀ ଦିନରେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ନେଇ ଆଶଙ୍କା କରାଯାଉଛି। ଜିଲା ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀମାନେ ବିଭିନ୍ନ ସମୟରେ ଯଦିଓ ଚଢ଼ାଉ କରି କେତେକାଂଶରେ ସଫଳତା ପାଉଛନ୍ତି କିନ୍ତୁ ତାହା ଏହି କାରବାର ଉପରେ ପୂର୍ଣ୍ଣ ଅଙ୍କୁଶ ଲଗାଇପାରୁନାହିଁ ଏନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରା ନ ଗଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅନେକେ ପ୍ରତିକ୍ରିୟାରେ କହିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଜଗତ୍‌ସିଂହପୁର ସହରରେ ଠିପିବନ୍ଦ ଏକ ନିର୍ଦ୍ଦିଷ୍ଟ ମଦ ଦୋକାନ ସମ୍ମୁଖରେ ସନ୍ଧ୍ୟା ହେଲେ ଆସର ଜମୁଛି। କାରବାରକୁ ଦେଖି ଏହା ପାର୍ଶ୍ୱରେ ଏକାଧିକ ଫାଷ୍ଟ ଫୁଡ ଦୋକାନ ଖୋଲିଯାଇଛି। ମଦ ପିଇବା ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ ଗ୍ଲାସ, ପ୍ଲେଟ୍ ଓ ମଦ ବୋତଲ ଫୋପାଡି ଦେଉଛନ୍ତି। ଏହାଦ୍ୱାରା ମଦ ଦୋକାନ ସମ୍ମୁଖ ରାସ୍ତା ଓ ଏହା ପାର୍ଶ୍ୱ କେନାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ରାତି ଓ ପ୍ରାତଃ ସମୟରେ ଉକ୍ତ ମଦ ଦୋକାନରୁ କାର, ଅଟୋ, ଚାରି ଚକିଆ ଯାନ, ବାଇକ୍ ଓ ସ୍କୁଟର ଆଦିରେ ବହୁ ପରିମାଣର ମଦ ଜିଲା ଓ ବାହାରକୁ ଚାଲାଣ ହେଉଛି। ଛୋଟ ଚୋରା ବ୍ୟବସାୟୀମାନେ ବିଶେଷକରି ସ୍କୁଟର ଉପରେ ନିର୍ଭର କରୁଛନ୍ତି। କାରଣ ଏବେ ସ୍କୁଟରର ଚାହିଦା ନାହିଁ। ଏହାର ମୂଲ୍ୟ ମଧ୍ୟ ବହୁତ କମ୍। ଯଦି ଧରାପଡେ ତେବେ ଅବକାରୀ ବିଭାଗ କିମ୍ବା ପୋଲିସ ସ୍କୁଟର ଜବତ କଲେ ସେମାନଙ୍କର କୌଣସି କ୍ଷତି ହେବନାହିଁ। ସେହିପରି ବ୍ରାଉନ୍‌ସୁଗାର କାରବାରରେ ମୂଳଧନର ୩/୪ ଗୁଣା ଲାଭ ହେଉଥିବାରୁ ଏଥିପ୍ରତି ଅନେକ ଅସାଧୁ ଲୋକଙ୍କ ଆକର୍ଷଣ ବଢୁଛି। ଯେହେତୁ ଏହା ସେବନ କଲେ ଛାଡ଼ିବା କଷ୍ଟକର, ତେଣୁ ଚୋରା ଚାଲାଣକାରୀମାନେ ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛନ୍ତି। ଏଥିରେ ଅନେକ ଶିକ୍ଷିତ ପରିବାରର ପିଲା ସାମିଲ ହେଉଥିବା ନଜିର ରହିଛି। ମଝିରେ ମଝିରେ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀମାନେ ଚଢ଼ାଉ କରି କେତେକାଂଶରେ ସଫଳ ହେଉଥିଲେ ସୁଦ୍ଧା ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କୁହାଯାଉଛି ଏହାର ଚେର କେବଳ ଜଗତ୍‌ସିଂହପୁର ନୁହେଁ ବାଲେଶ୍ୱର, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ପର୍ଯ୍ୟନ୍ତ ଲମ୍ବିଛି। ଅନେକ ଯୁବକ ଏଥିରେ ସାମିଲ ଅଛନ୍ତି। ଏପରି କି ସେମାନଙ୍କ ପାଖରେ ମାରଣାସ୍ତ୍ର ଥିବା ମଧ କୁହାଯାଉଛି। ବ୍ରାଉନ୍‌ସୁଗାର ନେଇ ଏହି ଯୁବକମାନେ ଯୋଜନାବଦ୍ଧ ଭାବରେ ବାଇକ୍‌ରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଉଛନ୍ତି। ତା'ପରେ ସେଠାରୁ ଭାଗ ଭାଗ ହୋଇ ଅଲଗା ଅଞ୍ଚଳରେ ଏହା ପହଞ୍ଚାଉଛନ୍ତି। ଏ ସମ୍ପର୍କରେ ନୂତନ ଭାବେ ଯୋଗଦେଇଥିବା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ କୁମାର ପଲେଇଙ୍କ ସହ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ବିଜେଡି ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ଗୋରେଖନାଥ, ଶାରଳା ମନ୍ଦିର ଦର୍ଶନ


ଗୋରେଖନାଥ ମନ୍ଦିର ପରିସରରେ ସମର୍ଥକଙ୍କ ସହ ଡା. ରାଜଶ୍ରୀ ମଲ୍ଲିକ ଓ ରମାକାନ୍ତ ଭୋଇ।

**ରଘୁନାଥପୁର,୭।୪ (ରାଜେନ୍ଦ୍ର ନାରାୟଣ ସିଂହ)**

ବିଜେଡି ପକ୍ଷରୁ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥିନୀ ଡା.ରାଜଶ୍ରୀ ମଲ୍ଲିକ ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ଦଳୀୟ କର୍ମୀଙ୍କ ସହ ଏକ ପଟୁଆରରେ ଯାଇ ରବିବାର ପ୍ରଭୁ ଗୋରେଖନାଥ ଓ ମା'ଶାରଳାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଦଳୀୟ ଟିକେଟ ମିଳିବାପରେ ଉଭୟ ପ୍ରାର୍ଥୀ ରବିବାର ବିରିଡି ବ୍ଲକ ବାଇଶିମୌଜାରୁ ଏକତ୍ରିତ ଭାବେ ଯାତ୍ରା ଆରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ରବି ନାରାୟଣଜେନା, ସରପଞ୍ଚ ଜୟନ୍ତୀ ଦାସ, ଜଗବନ୍ଧୁ ମଲ୍ଲିକ, ଓଡ଼ିଶା ମୋ ପରିବାର ଉପଦେଷ୍ଟା ଡ.ସୁରେନ୍ଦ୍ରନାଥ ମହାପାତ୍ର, ଚନ୍ଦ୍ରକାନ୍ତ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ଦିବାକର ଖଟୁଆ, ସରପଞ୍ଚ ସୁଷମା ମଲ୍ଲିକ, ଚନ୍ଦ୍ରଶେଖର ସିଂହ, ସ୍ରୋତସିନୀ ସିଂହ, ମାନସ ଦାସ, ବସନ୍ତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ଘରେଘରେ ଶଙ୍ଖ, ବୁଥ୍ କମିଟି ଗଠନ

**ରଘୁନାଥପୁର, ୭।୪ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ତଥା ପଞ୍ଚାୟତର ଅଯୋଧ୍ୟାପୁରଠାରେ ଥିବା ମା'କ୍ଷେତ୍ରବୁଢ଼ୀ ମନ୍ଦିର ପ୍ରାଙ୍ଗଣରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଓ ବୁଥ୍ କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ଦିଲୀପ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ମୋ ପରିବାର ଉପଦେଷ୍ଟା ଡ ସୁରେନ୍ଦ୍ରନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ଓଡ଼ିଶା ବିକାଶର ପ୍ରମୁଖ ବିନ୍ଧାଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟ ଓ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ସରପଞ୍ଚ ସୁଚିତ୍ରା ପଣ୍ଡା, ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା, ସମିତି ସଭ୍ୟାଙ୍କ ପ୍ରତିନିଧି ଟୁକୁନା ବରାଳ, ସୁବାସ ଦାସ ଓ ନିର୍ମଳ ଦାସ ପ୍ରମୁଖ ଯୋଗଦେଇ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ସଂକଳ୍ପ ନେବାକୁ ପଡ଼ିବ ବୋଲି କହିଥିଲେ। ପର୍ଯ୍ୟବେକ୍ଷକ ଡ. ମହାପାତ୍ରଙ୍କ ଉପସ୍ଥିତିରେ ପଞ୍ଚାୟତର ୧୯ ୱାର୍ଡକୁ ନେଇ ବୁଥ୍ କମିଟି ଗଠନ କରାଯାଇ ସଭାପତି ଓ ସମ୍ପାଦକ ଚୟନ କରାଯାଇଥିଲା। ଏହି କମିଟିରେ ମୋଟ୍ ୨୧ଜଣ ସଦସ୍ୟଙ୍କୁ ନିଆଯାଇଥିଲା। ସେଥିରୁ ୭ଜଣ ମହିଳା, ୭ଜଣ ଯୁବଛାତ୍ର, ୭ଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ରହିଛନ୍ତି। ଏହି ଚୟନ ପ୍ରକ୍ରିୟାରେ ପ୍ରତ୍ୟେକ ୱାର୍ଡ ପାଇଁ ସଭାପତି ଓ ସମ୍ପାଦକ ଚୟନ କରାଯାଇଥିଲା। ଶେଷରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଯୁବ ଉପସଭାପତି ଚନ୍ଦ୍ରକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ବିଜେଡି ସଙ୍ଗଠନ କିଭଳି ଆହୁରି ଶକ୍ତିଶାଳୀ ହେବ ସେସମ୍ପର୍କରେ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ, ବୁଦ୍ଧିଜୀବୀ, ମହିଳା ଓ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଜେଡି କର୍ମୀମାନେ ।

## 'ଆଧୁନିକ ଶିକ୍ଷାକୁ ସଂସ୍କାରିତ କରିବାରେ ସରସ୍ୱତୀ ବିଦ୍ୟାମନ୍ଦିର ସ୍ଥାନ ସ୍ୱତନ୍ତ୍ର'



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

**ବାଲିକୁଦା,୭।୪(ତାପସ ସ୍ୱାଇଁ)**

### ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ଶୋଭାଠାରେ ଥିବା ଓଷକଣା ସରସତୀ ଶିଶୁ ବିଦ୍ୟା ମନ୍ଦିରର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟର ପ୍ରତିଷ୍ଠିତ କୁନି ପ୍ରବଚକ କେଶବଦାସ ଦ୍ୱିତୀକୃଷ୍ଣ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ଅପର୍ତ୍ତି ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଙ୍କ ସମେତ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏସ୍‌ପି ଯୋଗେନ୍ଦ୍ର ଚୌଧୁରୀ, ସମ୍ମାନିତ ଅତିଥି ଭାବେ ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କୁମାର କାନୁନ୍‌ଗୋ, ସମ୍ପାଦକ ବାସୁଦେବ ରାଉତ ପ୍ରମୁଖ ଯୋଗଦେଇ ଶିକ୍ଷାର ପ୍ରସାର ଓ ଆଧୁନିକ ଶିକ୍ଷାକୁ ସଂସ୍କାରିତ କରିବା କ୍ଷେତ୍ରରେ ଏହି ବିଦ୍ୟାଳୟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ପ୍ରକାଶ କରିଥିଲେ। ଆଚାର୍ଯ୍ୟ ଧର୍ମେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ନମିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ସରୋଜ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା କୁନିଲତା ପ୍ରଧାନଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବାସୁଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ସହାୟତା କରିଥିଲେ।

## ମଧ୍ୟରାତ୍ରରେ ଦୁର୍ଘଟଣା, ଛାତ୍ର ମୃତ

**ପାରାଦୀପ,୭।୪(ଶରତ ରାଉତ)**

### ଥାନାରେ ହତ୍ୟା ଅଭିଯୋଗ କଲେ ବାପା

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ମଧୁବନ ଏନ୍‌ଏସି ହାଇସ୍କୁଲ ପାଖରେ ରବିବାର ସକାଳୁ ଜଣେ ଛାତ୍ରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସନ୍ଧ୍ୟାରେ ଛାତ୍ରଙ୍କ ବାପା ଥାନାରେ ଏନେଇ ହତ୍ୟା ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଥାନାରେ ମାମଲା (ନଂ. ୯୮/୨୪)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ର ହେଲେ ଆଶୁତୋଷ ନାୟକ (୧୭)। ସେ ଯୁକ୍ତ୨ରେ ପଢୁଥିଲେ। ବାପା ରଶ୍ମିରଞ୍ଜନ ବନ୍ଦର ଠିକା କର୍ମଚାରୀ ଓ ମା'ଶିକ୍ଷୟିତ୍ରୀ। ତାଙ୍କ ଘର କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କୁଣ୍ଡୁନପୁର ଗ୍ରାମରେ ହୋଇଥିବାବେଳେ ମଧୁବନ ରାମଚରିତ ମାନସ ପଡ଼ିଆ ପାଖ କ୍ୱାର୍ଟରରେ ରୁହନ୍ତି। ଶନିବାର ବିଳମ୍ବିତ ରାତି ପ୍ରାୟ୧୨ଟା୩୦ରେ ଆଶୁତୋଷ ହଠାତ୍ ସ୍କୁଟି ନେଇ ଘରୁ ପଳାଇଥିଲେ। ତା'ପରେ ତାଙ୍କର ମୋବାଇଲ ସୁଇଚ୍ ଅଫ୍ ହୋଇ ଯାଇଥିଲା। ସକାଳୁ ପୁଅ ମେଡ଼ିକାଲରେ ଥିବା ନେଇ ପୋଲିସ ଖବର ଦେଇଥିଲା ବୋଲି ରଶ୍ମିରଞ୍ଜନ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ବିଳମ୍ବିତ ରାତିରେ ସ୍କୁଲ ରାସ୍ତା ପାଖ ଏକ ଗଛରେ ପିଟି ହେବାରୁ ଜଣେ ପିଲାର ମୃତ୍ୟୁ ଘଟିଛି ବୋଲି କେତେଜଣ ଲୋକ ସାମାଜିକ ଗଣମାଧମରେ ଭାଇରାଲ କରିଥିଲେ। ଏହି ସୂଚନା ଆଧାରରେ ପୋଲିସ ଆଶୁତୋଷଙ୍କୁ ମୃତ ଅବସ୍ଥାରେ ସେଠାରୁ ପାଇଥିଲେ। ଶନିବାର ରାତିରେ ଜିରୋପଏଣ୍ଟଠାରେ ଦୁର୍ଘଟଣା ଯୋଗୁ ଜଣେ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ୪ ଘଣ୍ଟା ବ୍ୟବଧାନରେ ଦୁର୍ଘଟଣାରେ ଆଉ ଜଣଙ୍କ ଜୀବନ ଚାଲିଯିବା ଚର୍ଚ୍ଚାର ବିଷୟ ହୋଇଛି।

## ଧନତ୍ରୀ ବାଲି ଖାଦାନକୁ ନେଇ ଥାନା ଘେରାଉ

**ପାଣିକୋଇଲି,୭।୪(ବିକାଶ ମଲ୍ଲିକ)**

ବ୍ୟାସନଗର ତହସିଲ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବୈତରଣୀ ନଦୀର ଧନତ୍ରୀ ବାଲି ଖାଦାନକୁ ନେଇ ଲିଜଧାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଛି। ଶନିବାର ରାତିରେ କେତେଜଣ ଗ୍ରାମବାସୀ ଓ ବାଲି ମାଫିଆଙ୍କ ମଧରେ ବଚସା ହୋଇଛି। ଏନେଇ ରବିବାର ଗ୍ରାମବାସୀ ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ସେଠାରେ ପୋଲିସ କେତେଜଣଙ୍କୁ ଅଟକ ରଖିଛି। ଏହି ଖବର ପାଇ ଗ୍ରାମର ପୁରୁଷ ଓ ମହିଳା ପହଞ୍ଚି ଥାନା ଘରୋଉ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିଥିଲା।

ସୂଚନା ମୁତାବକ, ଗରମରୁ ରକ୍ଷା ପାଇବା ଲାଗି କେତେଜଣ ଗ୍ରାମବାସୀ ନଦୀ ଶଯ୍ୟାରେ ଶୋଇଥିବାବେଳେ କୌଣସି କାରଣକୁ ନେଇ ବାଲି ମାଫିଆ ଓ ଉକ୍ତ ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ପୋଲିସ ଉପସ୍ଥିତିରେ ମାଫିଆମାନେ ଜେସିବିର ବକେଟକୁ ଘୁରାଇଥିଲେ। ଫଳରେ ଗ୍ରାମର ତିନି ଜଣ ବ୍ୟକ୍ତି ସୁବ୍ରତ ସାହୁ, ଦୀପକ ସାହୁ ଓ ମଧୁସୁଦନ ରାଉତ ଆହତ ହୋଇଥିଲେ। ପୋଲିସ ଉଭୟପକ୍ଷଙ୍କୁ ଥାନାକୁ ଆସି ଅଭିଯୋଗ କରିବା ଲାଗି କହି ଫେରିଆସିଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ଗ୍ରାମର ନଗେନ୍ଦ୍ର ନାରାୟଣ ସ୍ୱାଇଁ, ଶ୍ରୀରାମ ଚରଣ ସାହୁ, ମନୋରଞ୍ଜନ ସାହୁ, ବୁବୁ ସାହୁ, ପ୍ରଶାନ୍ତ କୁମାର ସାହୁ, ବିରଞ୍ଚି ନାରାୟଣ ସ୍ୱାଇଁ, ସତ୍ୟବ୍ରତ ସାହୁ, ଶ୍ରୀନୀବାସ ସାହୁ, ବିଦ୍ୟାଧର ସାହୁ, ହେମନ୍ତ କୁମାର ସାହୁ ଓ ବିଶ୍ୱନାଥ ସାହୁ ପମୁଖ ଥାନାକୁ ଅଭିଯୋଗ ଦାଖଲ କରିବାକୁ ଆସିଥିବାବେଳେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ଉକ୍ତ ଖବର ପ୍ରଚାରିତ ହେବା ପରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଆସି ଥାନା ଘେରାଉ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଯାଜପୁର ରୋଡ୍ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଞ୍ଜୟ କୁମାର ପଟ୍ଟନାୟକ ଗ୍ରାମବାସୀଙ୍କ ସହିତ ଆଲୋଚନା ନ କରି ଓଲଟି ସେମାନଙ୍କୁ ଗାଳିଗୁଲଜ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଓ ଯାଜପୁର ରୋଡ୍ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପଟ୍ଟନାୟକଙ୍କ ବଦଳି ଓ ସସପେଣ୍ଡ ଦାବି କରିବା ସହିତ ପୋଲିସ ବିରୋଧରେ ନାରାବାଜୀ ଦେଇଥିଲେ।

## ପିଲା ଚୋର ଗୁଜବ, ଲୋକେ ସଚେତନ ହୁଅନ୍ତୁ

**ଜଗତ୍‌ସିଂହପୁର, ୭।୪ (ପ୍ରମୋଦ କୁମାର ନାୟକ)**

### ଜଗତ୍‌ସିଂହପୁର ଥାନା ପକ୍ଷରୁ ପ୍ରେସ୍ ଇସ୍ତାହାର

କିଛି ଦିନ ହେଲା ବିଭିନ୍ନ ଅଞ୍ଚଳରେ ବୁଲୁଥିବା ଭିକାରି, ମାନସିକ ରୋଗୀ ଓ ପଥଭ୍ରଷ୍ଟ ଶ୍ରମିକଙ୍କୁ ଲୋକେ ପିଲା ଚୋର ଭାବି ମାରଧର କରୁଛନ୍ତି। ଏହା ଦୁଃଖଦାୟକ ଘଟଣା। ଏଭଳି ଘଟଣାରେ ସମ୍ପୃକ୍ତ ଲୋକେ ମଧ ଅସୁବିଧାରେ ପଡୁଛନ୍ତି। ତେଣୁ ପ୍ରତ୍ୟେକେ ଏ ବାବଦରେ ସଚେତନ ହେବା ଜରୁରୀ। ବିଶେଷକରି ପଞ୍ଚାୟତ ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳର ଲୋକଙ୍କୁ ପିଲା ଚୋର ଗୁଜବରେ ପ୍ରଭାବିତ ନ ହେବା ପାଇଁ ସଚେତନତା ସୃଷ୍ଟି କରିବା ଉଚିତ। ରବିବାର ପଞ୍ଚାୟତ ପ୍ରତିନିଧିମାନଙ୍କୁ ଜଗତ୍‌ସିଂହପୁର ଥାନା ପକ୍ଷରୁ ଆଇଆଇସି ଗୋକୁଳ ରଞ୍ଜନ ଦାଶ ଏହି ବାର୍ତ୍ତା ଦେଇଛନ୍ତି। ଗଣମାଧମକୁ ଏ ସମ୍ପର୍କିତ ଦିଆଯାଇଥିବା ପ୍ରେସ ଇସ୍ତାହାରରେ ଦର୍ଶାଯାଇଛି, ବର୍ତ୍ତମାନ ସମୟରେ କିଛି ଅଞ୍ଚଳରେ ପିଲାଚୋର ଗୁଜବ ପ୍ରଚାର ହେଉଥିବାରୁ ପ୍ରତ୍ୟେକ ଏଥିରୁ ଦୂରେଇ ରୁହନ୍ତୁ। କୌଣସି ଅଜଣା ବ୍ୟକ୍ତିଙ୍କୁ ନିଜ ଅଞ୍ଚଳରେ ଦେଖିଲେ ସଙ୍ଗେସଙ୍ଗେ ୧୧୨ କିମ୍ବା ନିଜ ଥାନା ଅଧିକାରୀଙ୍କୁ ଫୋନ କରି ଜଣାନ୍ତୁ। ଆଇନକୁ ହାତକୁ ନିଅନ୍ତୁ ନାହିଁ, କି ଅସୁବିଧାରେ ପଡ଼ି ପଥଭ୍ରଷ୍ଟ ହୋଇଥିବା ନିରୀହ ଲୋକଙ୍କୁ ମାରଧର କରନ୍ତୁ ନାହିଁ ବୋଲି ଉଲ୍ଲେଖ କରାଯାଇଛି।

## ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

**ରାଜନଗର, ୭।୪ (ଭାସ୍କର ରାଉତରାୟ)**

ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ଗାଁର ରଶ୍ମୀ ରଞ୍ଜନ ପରିଡାଙ୍କୁ ପୋଲିସ ବାଇକ୍ ଚୋରି ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି। ରଶ୍ମୀଙ୍କ ନାଁରେ ରାଜନଗର ଥାନାରେ ୧୨ଟି ଚୋରି ମାମଲା ରହିଛି। ନିକଟରେ ଯାଜପୁର ଜିଲା ବରୀ ଥାନା ଅଞ୍ଚଳରୁ ଏକ ବାଇକ୍ ଚୋରି କରି ଆଣିଥିଲେ। ଶନିବାର ରାଜନଗର ଆଇଆଇସି ଅଜୟ କୁମାର ଜେନା ରଶ୍ମୀଙ୍କୁ ରାଜନଗର ନୂଆ ବାଇପାସ୍ ନିକଟରୁ ଗିରଫ କରିବା ସହ ଚୋରି ବାଇକ୍‌କୁ ତାଙ୍କ ନିକଟରୁ ଜବତ କରିଥିଲେ। ତାଙ୍କ ନାଁରେ ବେଳେ ଦୁଇଟି ୱାରେଣ୍ଟ ଥିଲା। ରବିବାର ରଶ୍ମୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଜେନା ସୂଚନା ଦେଇଛନ୍ତି।

## ତାତି ବଢ଼ାଉଛି ଇଟାଭାଟି ନିଆଁ, ଧୂଆଁ

### ଅତିଷ୍ଠ ସାଧାରଣ ଜନତା

**ପଟ୍ଟାମୁଣ୍ଡାଇ, ୭।୪(କଳ୍ପତରୁ ନାୟକ)**



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଲକ୍ଷାଧିକ ବେଆଇନ ଇଟା ପୋଡ଼ା ଚାଲିଥିବା ବେଳେ ସେଥିରୁ ନିର୍ଗତ ନିଆଁ ପ୍ରକୋପରେ ଅସ୍ୱାଭାବିକ ଭାବେ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି କରାଇବାରେ ଲାଗିଛି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଇଟାଭାଟିର ନିଆଁ ଝାସ ଓ ଧୂଆଁ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ଜନବସତି, ରାସ୍ତାକଡ଼, ନଈପଠା, ଗୋଚର ଜମି, ଜଙ୍ଗଲ ଜମିରେ ପ୍ରତ୍ୟେକ ସ୍ଥାନରେ ଏଭଳି ମାଳମାଳ ବେଆଇନ ଇଟାଭାଟି ଏବେ ସମସ୍ୟା ବଢ଼ାଇଛି। ରାଜସ୍ୱ ବିଭାଗର କୌଣସି କଟକଣାକୁ ଖାତିର ନ କରି ଏହି ଅଞ୍ଚଳରେ ବେଆଇନ ଭାବେ ଇଟାଭାଟି ଚଳାଇଥିବା ଅଭିଯୋଗ ହୋଇଆସୁଛି। ବିଦ୍ୟାଳୟ, ଜନବସତି ଓ ଦାତବ୍ୟ ଅନୁଷ୍ଠାନଠାରୁ ୧ କି.ମି. ଦୂରରେ ଇଟାଭାଟି କରିବା ନିୟମ ନ ଥିଲେ ମଧ ଏହାକୁ ଖୋଲାଖୋଲି ଉଲଂଘନ କରାଯାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ବିଜୟ ଦାଶ, ଅନନ୍ତ ଦାଶ, ମାନସ ସାମଲ, ପ୍ରବୀର ନାୟକ, ନରେନ୍ଦ୍ର ଧଳ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳର ବିଭିନ୍ନ ରାଜସ୍ୱ ଗ୍ରାମରେ ଇଟା ବ୍ୟବସାୟୀମାନେ ସକ୍ରିୟ ହେବା ସହ ଏକର ଏକର ଗୋଚର ଜାଗା, ଅନାବାଦୀ ଜମି, ନଈପଠା ଓ ଜଙ୍ଗଲ ଜମିରେ ଅବାଧରେ ମାଟି ଇଟା ପୋଡ଼ି କାରବାର କରୁଥିବା ବେଳେ ସରକାରଙ୍କ ରାଜସ୍ୱହାନି ସହ ବ୍ୟାପକ ଅଞ୍ଚଳରେ ମୃତ୍ତିକା କ୍ଷୟ ହେଉଛି। ଏସବୁ ଦିଗରେ ପଦକ୍ଷେପ ନେବାକୁ କିନ୍ତୁ ସ୍ଥାନୀୟ ପ୍ରଶାସନ ଓ ରାଜସ୍ୱ ବିଭାଗ ପଛଘୁଞ୍ଚା ଦେଉଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ମାଟିଆ, ତାତନା, ଷଣ୍ଢପଲ୍ଲୀ, ଅଳଭା ଆଦି ଗ୍ରାମ ସମେତ ଡାମରପୁର, ଶାଶନ, କଖାରୁଣି, ବଡ଼ପଡ଼ା, ସାନଜରିଆ, ବଳଭଦ୍ରପୁର, ଶ୍ରୀରାମପୁର, ବାଲିପାଟଣା ପ୍ରଭୃତି ପଞ୍ଚାୟତର ଏକାଧିକ ରାଜସ୍ୱ ସର୍କଲରେ ବେଧଡ଼କ ଭାବେ ବେଆଇନ ଇଟାଭାଟି ଗଢ଼ିଉଠିଛି। ଇଟାଭାଟିରୁ ବାହାରୁଥିବା କଳା ଧୂଆଁ ଓ କୋଇଲା ଗୁଣ୍ଡ ଧୂଳିରେ ଅଞ୍ଚଳବାସୀ ଅତିଷ୍ଠ ହେବା ସହ ନିଆଁ ପ୍ରକୋପରେ ସ୍ଥାନୀୟ ଅଞ୍ଚଳର ତାପମାତ୍ରା ମଧ ବୃଦ୍ଧି ପାଉଛି। ବିଶେଷକରି ମାଟିଆ, ବାଲିପାଟଣା, ଅଳଭା ଏବଂ ତାତନା ପଟ୍ଟାମୁଣ୍ଡାଇ ସହରଠୁଁ ୨ରୁ ୩ କିଲୋମିଟର ଭିତରେ ଇଟାଭାଟି ଯୋଗୁ ଲୋକମାନେ ନାନା ସମସ୍ୟାରେ ପଡୁଛନ୍ତି। ଖାଲି ମାଟିଆ ଓ ତାତନା ଗ୍ରାମ ନିକଟସ୍ଥ ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ବେଆଇନ ଇଟାଭାଟି ଗଢ଼ି ଉଠିଛି। ତେବେ ଏମାନଙ୍କ ପଛରେ ସ୍ଥାନୀୟ ତହସିଲ ପ୍ରଶାସନର ସହଯୋଗ ଯୋଗୁ ରାଜସ୍ୱକୁ ଠକି ଛୋଟମୋଟ ଟ୍ୟାକ୍ସ ଆଦାୟ କରିବା ସହ ଏଭଳି ବେଆଇନ କାରବାର ପାଇଁ ଅଲିଖିତ ନିର୍ଦ୍ଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ରାଜସ୍ୱ ସର୍କଲର ନିରୀକ୍ଷକମାନେ ବ୍ୟବସାୟୀମାନଙ୍କ ସହ ସୁସମ୍ପର୍କ ରଖି ଏଭଳି ବେଆଇନ କାରବାରକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୋଡ଼ା ନାଲି ଇଟା ସମ୍ପୂର୍ଣ୍ଣ ବେଆଇନ। ନଦୀ କୂଳରେ ଇଟାଭାଟି ପାଇଁ ପରିବେଶ ମଞ୍ଜୁରୀ ନ ଥିଲେ ମଧ ପଟ୍ଟାମୁଣ୍ଡାଇ ତହସିଲ ଅଧୀନରେ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି। କିନ୍ତୁ କେଉଁ ନିୟମ ଆଧାରରେ ସେମାନଙ୍କୁ କିଏ ନିର୍ଦ୍ଦେଶ ଓ ସହଯୋଗ କରୁଛି ତା'ର ଉତ୍ତର କାହାରି ପାଖରେ ନାହିଁ। ବେଆଇନ ଭାବେ ଚାଲିଥିବା ଇଟାଭାଟିକୁ ବନ୍ଦ କରିବାକୁ ତହସିଲ ପ୍ରଶାସନ ସାହସ କରିପାରୁ ନ ଥିବା ଅଭିଯୋଗ ହେଉଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ମାଟିରେ ଇଟା ନିର୍ମାଣ ସମ୍ପୂର୍ଣ୍ଣ ବେଆଇନ। ଏହାଦ୍ୱାରା ବାୟୁ ପ୍ରଦୂଷଣ, ଉର୍ବର ମୃତ୍ତିକା କ୍ଷୟ ସହ ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରିଥାଏ। ଇଟାଭାଟି ଯୋଗୁ ଶତାଧିକ ଏକର ଚାଷ ତଥା ସରକାରୀ ଜମିରୁ ମାଟି କ୍ଷୟ ହୋଇଚାଲିଛି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ, ଚଳିତବର୍ଷ ଅଧିକ ବ୍ୟବସାୟୀଙ୍କୁ ନୋଟିସ ଜାରି କରିବା ସହ ଜରିମାନା ଆଦାୟ କରାଯାଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଇଟା ପୋଡା ବନ୍ଦ କରାଇବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ଚୈତ୍ର କବିତା ଆସର


ସାହିତ୍ୟ ଆସରରେ ଯୋଗଦେଇଥିବା କବି, କବୟିତ୍ରୀ ଓ ଅନ୍ୟମାନେ।

**ରାହାମା,୭।୪(ଶ୍ରୀକାନ୍ତ ଦାସ)**

କୁଜଙ୍ଗ ବ୍ଲକ ଅଧୀନ ରାହାମା ତେରମାଣପୁର ଠାରେ ଥିବା ଶ୍ରୀନୃସିଂହ ମନ୍ଦିର ପରିସରରେ ମାଟିଘର ପକ୍ଷରୁ ଚୈତ୍ର କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. କ୍ଷୀରୋଦ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ସମ୍ପାଦକ ବିଷ୍ଣୁ ପ୍ରସାଦ ସେଠୀ ବିବରଣୀ ପାଠ କରିଥିଲେ। ନୀରୋଦ କୁମାର ଆଚାର୍ଯ୍ୟ, ଆଇନଜୀବୀ ଟୁକନ ଚରଣ ସେଠୀ, ବିଜୟ କୁମାର ମୁଦୁଲି, ପୋତାନଈ ସରପଞ୍ଚ ବ୍ରଜକିଶୋର ମହାରାଜ, ଇନ୍ଦୁପ୍ରଭା ବିଶ୍ୱାଳ, ସଂଯୁକ୍ତା ସାହୁ, ତିର୍ତ୍ତୋଲ କଲେଜ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅଶୋକ କୁମାର ରାଉତ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ରବି ସାର, ଧୀରେନ୍ଦ୍ର କୁମାର ବେହେରା, ଗୀତା ଦାସ, ଅଧିକାରୀ ରମାକାନ୍ତ ଦାସ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ରାଉତ କବିତାର ସମୀକ୍ଷା କରିଥିବାବେଳେ ଧୀରେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଲିଙ୍ଗାଗଡ଼ ବାଳିକା ବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଜି.ଉଦୟଗିରି,୭।୪(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ନିକଟ ଲିଙ୍ଗାଗଡ଼ ସରକାରୀ ବାଳିକା ବିଦ୍ୟାଳୟଠାରେ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ସରକାର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତୃଣମୂଳସ୍ତରରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରି ଲୋକମାନଙ୍କୁ ସଚେତନ କରୁଛନ୍ତି। ବର୍ତ୍ତମାନ ସମୟରେ ଦିନକୁଦିନ ନୂଆ ନୂଆ ରୋଗର ଭୟାଭୟତା ଚିନ୍ତାଜନକ ହେଲାଣି। ଜି.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଲିଙ୍ଗାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆକ୍ସନଏଡ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପ୍ରଦାତ୍ତା ଓ ୟୁନିସେଫ୍ ସହଯୋଗରେ ଅନ୍ତରଙ୍ଗ ଯୁବ ମହାସଂଘ କନ୍ଧମାଳ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ରତିକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ପତଞ୍ଜଳି ଯୋଗ ସମିତି ଜିଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶ ଯୋଗ ଦେଇଥିଲେ। ମାନସିକ ଓ ଶାରୀରିକ ସ୍ତରରେ ଦେଖାଦେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋକପାତ କରିଥିଲେ। ଏହା ସହିତ ମୋ ସ୍ୱାସ୍ଥ୍ୟ ମୋ ଅଧିକାର ବିଷୟରେ ଛାତ୍ରୀମାନଙ୍କୁ ଶିକ୍ଷା ଦିଆଯିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଛାତ୍ରୀଙ୍କୁ ପ୍ରାଣାୟମ ଓ ଯୋଗ ଶିକ୍ଷା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷୀକେଶ ପ୍ରଧାନ ପରିଚାଳନା କରିଥିବା ବେଳେ କୌଶଲ୍ୟା ସାହୁ ସହଯୋଗ କରିଥିଲେ

### ଦଣ୍ଡନାଚ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼

ପାରଳାଖେମୁଣ୍ଡି, ୭।୪ (ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଶ୍ୟାମାକାଳୀ ମନ୍ଦିରରେ ପ୍ରତେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଖୁବ ଧୁମଧାମରେ ଆରମ୍ଭ ହୋଇଯାଇଅଛି। ଏହି ଦଣ୍ଡ ଯାତ୍ରା ଚଳିତ ମାସ ୨ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହା ମେରୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ହୋଇଥାଏ। ଶେଷ ଦିନ ଶ୍ୟାମକାଳୀ ମନ୍ଦିର ପରିସରରେ ବହୁ ନିଷ୍ଠାର ସହ ସମାପନ ହୋଇଥାଏ ବୋଲି ମନ୍ଦିର କମିଟି ସଭାପତି ମନୋରଞ୍ଜନ ପଟ୍ଟନାୟକ କହିଛନ୍ତି। ବିଶେଷ କରି ଯୁବଗୋଷ୍ଠୀମାନେ ଏହି ଦଣ୍ଡୁଆ ନାଚରେ ବହୁ ମାତ୍ରାରେ ଦୀକ୍ଷା ନେଇଥିବା ଦେଖିବାକୁ ମିଳୁଛି। ପ୍ରତେକ ଦିନ ଦୀକ୍ଷା ନେଇଥିବା ଦଣ୍ଡୁଆମାନେ ସକାଳୁ ନିଜ ନିତ୍ୟକର୍ମ ସାରି ବିଭିନ୍ନ ସାହିରେ ଦଣ୍ଡନାଚ କରୁଥିବା ଦେଖିବାକୁ ମିଳୁଛି। ପ୍ରତେକ ବର୍ଷ ଭଳି ବ୍ରହ୍ମପୁରରୁ ଦଣ୍ଡୁଆମାନେ ଆସି ଦଣ୍ଡୁଆ ନାଚ ପ୍ରଦର୍ଶିତ କରୁଛନ୍ତି। ଏଥିରେ କଣ୍ଟାଦଣ୍ଡ, ଅଗ୍ନିଦଣ୍ଡ, ଧୂଳିଦଣ୍ଡ ଆଦି ବିଭିନ୍ନ ପ୍ରକାର ନାଚ ପରିବେଷଣ କରୁଛନ୍ତି। ଏହି ନୃତ୍ୟ ଦେଖିବା ପାଇଁ ପାରଳାଖେମୁଣ୍ଡି ସହର ଓ ଆଖପାଖ ଅଞ୍ଚଳର ବହୁ ଭକ୍ତ ରୁଣ୍ଡ ହୋଇଥାନ୍ତି।

### ମଦ, ଗଞ୍ଜେଇ ନିଶାରେ ଉବୁଟୁବୁ ସିମନବାଡ଼ି

ଦାରିଙ୍ଗବାଡ଼ି,୭।୪(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇଛି। ବିଶେଷକରି ସିମନବାଡ଼ି ଅଞ୍ଚଳରେ ଏହି କାରବାର ଅବାଧ ଓ ମୁକ୍ତ ଭାବେ ଚାଲିଛି। ଦିନ ଦ୍ୱିପ୍ରହରରେ ମଧ ଏହ କାରବାର ବନ୍ଦ ହେବାର ନାମ ଧରୁନି। କେବଳ ଯେ ଚୋରାରେ ଦେଶୀ ମଦ ରାନ୍ଧି ବିକ୍ରି ଚାଲିଛି ତାହା ନୁହେଁ, ତା' ସାଙ୍ଗକୁ ଲକ୍ଷ ଲକ୍ଷ ଟଙ୍କାର ବିଦେଶୀ ମଦ ମଧ ବିକ୍ରି କରାଯାଉଛି। ଏହାର ନମୁନା ଦେଖିବାକୁ ମିଳିଛି ସିମନବାଡ଼ି ଜନଜାତି ହାଟ ଏବଂ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ। ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦର ଖାଲି ବୋତଲ କୁଢ଼କୁଢ଼ ଗଦା ହୋଇ ରହିଛି। ପୂର୍ବରୁ ଏଭଳି ସିମନବାଡ଼ିଠାରୁ ରାଇକିଆ ରାସ୍ତା ସମେତ ଜୁଡ଼ାବାଡ଼ି, ଜାତୀୟ ରାଜପଥ ଆଦି ଅଞ୍ଚଳରେ ଚୋରା ବ୍ୟବସାୟୀମାନେ ଖୁଲମ୍‌ଖୁଲା ବିକ୍ରି କରୁଛନ୍ତି। ଅବକାରୀ ଓ ପୋଲିସ ବିଭାଗ ସବୁ ଜାଣି ନିରବ ସାଜୁଥିବା ସାଧାରଣରେ ଅଭିଯୋଗ ହେଉଛି। ସେହିପରି ଅଞ୍ଚଳରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚାଷକୁ ରୋକିବା ପାଇଁ ପ୍ରୟାସ କରାଯାଉଥିଲେ ସୁଦ୍ଧା ଗଞ୍ଜେଇ ଓ ମଦ ନିଶାରେ ଅଞ୍ଚଳର ଅନେକ ଲୋକ ଉବୁଟୁବୁ ହେଉଛନ୍ତି, ଯାହାକି ଆସନ୍ତା ସାଧାରଣ ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ବୋଲି କୁହାଯାଉଛି। ଏନେଇ ଦାରିଙ୍ଗବାଡ଼ି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି, ଯେଉଁମାନେ ମଦ କାରବାରରେ ସମ୍ପୃକ୍ତ ଥିବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିକାଶର ବହୁ ଦୂରରେ କିଙ୍ଗଡାଙ୍ଗ ଗ୍ରାମବାସୀ

## ଗ୍ରାମବାସୀଙ୍କ ଭରସା ପଥର କୁଅ

ପାରଳାଖେମୁଣ୍ଡି, ୭।୪(ଗିରିଧାରୀ ପରିଛା)


ଗ୍ରାମବାସୀମାନେ ପଥର କୁଅରୁ ପାଣି ଆଣି ଫେରୁଛନ୍ତି।

ଦେଶ ସ୍ୱାଧୀନର ୭୬ବର୍ଷ ବିତି ଯାଇଥିଲେ ମଧ୍ୟ ଏଯାଏଁ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି ଗଜପତି ଜିଲାର କିଙ୍ଗଡାଙ୍ଗ ଗ୍ରାମବାସୀ। ଗୁମ୍ମା ବ୍ଲକ ଭୁବନି ପଞ୍ଚାୟତରେ ରହିଛି କିଙ୍ଗଡାଙ୍ଗ ଗ୍ରାମ। ଏଠାରେ ବିକାଶର ପ୍ରତିଛବି ପଡ଼ିନଥିବା ବେଳେ ଅନ୍ଧକାରରେ ରହିଛି ଏମାନଙ୍କ ଜୀବନ। ବିକାଶ ଏଠି ସାତ ସପନ। ତେଣୁ ବହୁ ଦୁଃଖକଷ୍ଟରେ ଜୀବନ କାଟୁଥିବା କହିଛନ୍ତି ଗ୍ରାମବାସୀ। ଗାଁକୁ ନାହିଁ ଭଲ ରାସ୍ତା ଖଣ୍ଡିଏ। ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଗ୍ରାମକୁ ନା ଆମ୍ବୁଲାନ୍ସ ପହଞ୍ଚିପାରୁଛି ନା ଗାଡ଼ିମୋଟର ସେବା। ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି କୁନି କୁନି ପିଲା ମଧ୍ୟ ଏଠାରେ ମାଇଲ ମାଇଲ ଚାଲି ସ୍କୁଲ ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗାଁକୁ ନାହିଁ ପାନୀୟ ଜଳ ଯୋଗାଣ କିମ୍ବା ରାସ୍ତା ବ୍ୟବସ୍ଥା । ଗ୍ରାମବାସୀଙ୍କ ଭରସା ପଥର କୁଅ । ପିଲା ଛୁଆଙ୍କ ପାଇଁ କୁଅ ପାଣି ବ୍ୟବହାର କରୁଛନ୍ତି ମହିଳା । ଏହି ଦୃଶ୍ୟକୁ ଦେଖିଲେ ଜଳଜଳ ହୋଇ ଦେଖାଯାଉଛି ଗାଁରେ ଥିବା ଜଳ ସମସ୍ୟା। ଏହି ଗ୍ରାମରେ ପ୍ରାୟ ୨୦ରୁ ୨୫ ପରିବାରର ଶହେରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ପାଣି ମୁନ୍ଦାଏ ପାଇଁ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦୀର୍ଘଦିନ ହେଲା ଏହି ସମସ୍ୟା ଜାରି ରହିଥିବାବେଳେ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା ଗାଁରେ ପହଞ୍ଚି ନାହିଁ। ଗାଁ ଲୋକେ ଗୋଟିଏ କୁଅ ଉପରେ ଭରସା କରୁଥିବା ବେଳେ ଖରାଦିନ ଆରମ୍ଭରୁ ହିଁ କୁଅ ପାଣି ଶୁଖିଗଲାଣି। ସରକାର ବସୁଧା ଯୋଜନା ମାଧ୍ୟମରେ ଘରେ ଘରେ ପାଣି ଯୋଗାଉଥିବା ଡିଣ୍ଡିମ ପିଟୁଥିବା ବେଳେ ଏହି ଗ୍ରାମର ଲୋକେ କିନ୍ତୁ ପିଇବା ପାଇଁ ଟୋପାଏ ପାଇ ପାରୁନାହାନ୍ତି। ତେଣୁ ଗାଁରେ ପିଇବା ପାଣିର ବ୍ୟବସ୍ଥା ସହ ରାସ୍ତା ନିର୍ମାଣ ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି।

# ବଜ୍ରପାତରେ ୧୫ ଛେଳି ମୃତ



ସୋରଡ଼ା, ୭।୪ (ଲମ୍ବୋଦର ପାଣିଗ୍ରାହୀ)

ଗଞ୍ଜାମ ଜିଲା ସୋରଡ଼ା ଅଞ୍ଚଳରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ୧୫ଟି ଛେଳିଙ୍କ ମୃତ୍ୟୁ ଘଟିଛି। ବାଟଶାସନ ଗ୍ରାମର କୃଷ୍ଣ ଗଉଡ, ଜଗା ଗଉଡ, ମାନସ ଗଉଡ, ବିଜୟ ଗଉଡ଼ଙ୍କ ଛେଳି ଚରାଇବା ସମୟରେ ବଜ୍ରପାତ ହୋଇଥିଲା। ତେବେ ଛେଳି ଜଗୁଆଳିଙ୍କୁ କିଛି ଆଘାତ ହୋଇ ନ ଥିବା ଜଣାପଡ଼ିଛି। ଏଥିପାଇଁ ସରକାରୀ ସହାୟତା ଦାବି କରିଛନ୍ତି ଛେଳି ହରାଇଥିବା ପରିବାର। ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ହଠାତ କାଳବୈଶାଖୀ ବର୍ଷା ଆରମ୍ଭ ହୋଇଥିଲା। ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ପବନ ମଧ୍ୟ ବୋହିଥିଲା।

# ବିଜେଡି ବିଧାୟକ ପ୍ରାର୍ଥୀଙ୍କ କୁଶପୁତ୍ତଳିକା ଦାହ କଲେ ଦଳୀୟ କର୍ମୀ

ଖଜୁରିପଡ଼ା,୭।୪(ବିଦୁର ବେହେରା)



ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ଦେବେନ୍ଦ୍ର କହଁରଙ୍କ ସମର୍ଥକମାନେ ରବିବାର ବିଜେଡି ପ୍ରାର୍ଥୀ ଜୟଶ୍ରୀଙ୍କ ପ୍ରାର୍ଥିତ୍ୱକୁ ଜୋରଦାର ବିରୋଧ କରିଛନ୍ତି। ସେମାନେ ଖଜୁରିପଡା ବଜାରରେ ବିଜେଡି ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁରଙ୍କ ଫଟୋ ଚିରିବା ସହିତ ନିଆଁ ଲଗାଇଛନ୍ତି। ଫୁଲବାଣୀ ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହେବା ପାଇଁ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ଆଶାୟୀ ଥିଲେ। ହେଲେ ଦଳ ଜୟଶ୍ରୀ କହଁରଙ୍କୁ ପ୍ରାର୍ଥୀ କରିଛି, ଯାହାକୁ ନେଇ ଦେବେନ୍ଦ୍ରଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦେବେନ୍ଦ୍ର ମଧ୍ୟ ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେହିପରି ପ୍ରତ୍ୟେକ ଥର ଫିରିଙ୍ଗିଆ ବ୍ଲକରୁ ବିଜେଡି ପ୍ରାର୍ଥୀ ଦେଉଥିବାରୁ ଏହାକୁ ନେଇ ଖଜୁରିପଡ଼ା ବିଜେଡି କର୍ମୀମାନେ ବିରୋଧ କରୁଛନ୍ତି। ଖଜୁରିପଡ଼ା ବ୍ଲକରୁ ବିଜେଡି ବିଧାୟକ ପ୍ରାର୍ଥୀ ପାଇଁ ଟିକେଟ ଦୌଡ଼ରେ ଅନେକ ନେତା ଥିଲେ। କିନ୍ତୁ ଫିରିଙ୍ଗିଆର ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସମର୍ଥକ ଜୟଶ୍ରୀ କହଁରଙ୍କୁ ଦଳ ପ୍ରାର୍ଥୀ କଲା। ଏହି ପରିପ୍ରେକ୍ଷୀରେ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ପୂର୍ବତନ ଖଜୁରିପଡ଼ା ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର, ଅନ୍ୟ ସମର୍ଥକଙ୍କ ସହ ସରପଞ୍ଚ ସମିତି ସଭ୍ୟମାନେ ମିଶି ପଦ୍ମନାଭ ବେହେରା ଏବଂ ବିଧାୟିକା ପ୍ରାର୍ଥୀ ଜୟଶ୍ରୀ କହଁର, ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

# ମୋବାଇଲ ଟାୱାର ସ୍ଥାପନ ନ କଲେ ଭୋଟ ବର୍ଜନ ଚେତାବନୀ

ନୂଆଗଡ଼,୭।୪(ଯୋଗ୍ୟବନ୍ତ ପରିଛା)

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଅବସ୍ଥିତ କେରେଡଙ୍ଗ ପଞ୍ଚାୟତ। ଏହି ପଞ୍ଚାୟତ ଚତୁଃପାର୍ଶ୍ୱରେ ୧୫ ଗୋଟି ଆଦିବାସୀ ଗ୍ରାମ ରହିଛି। ଏହି ୧୫ ଗୋଟି ଗ୍ରାମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନଜାତି ବାସ କରନ୍ତି। କିନ୍ତୁ ଏହି ଉପାନ୍ତ ଅଞ୍ଚଳରେ କୌଣସି ମୋବାଇଲ ଟାୱାର ନ ଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଉପାନ୍ତ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବା ସ୍ୱାସ୍ଥ୍ୟକେନ୍ଦ୍ର, ୫-ଟି ସ୍କୁଲ, ମିନି ବ୍ୟାଙ୍କ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। କିନ୍ତୁ କୌଣସି ମୋବାଇଲ ଟାୱାରର ଇଣ୍ଟରନେଟ ସେବା ପାଇ ପାରୁନାହାନ୍ତି। ଏଣୁ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବାପାଇଁ ୧୦୨ କିମ୍ବା ୧୦୮ ଆମ୍ବୁଲାନ୍ସକୁ କଲ୍ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଏବଂ ୫-ଟି ସ୍କୁଲ ଛାତ୍ରୀଛାତ୍ରମାନେ ଇଣ୍ଟରନେଟ୍ ନ ଥିବାରୁ ପାଠପଢ଼ାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି ସରକାରଙ୍କ ମଧୁବାବୁ ପେନ୍‌ସନ ବୃଦ୍ଧି ବା ଭିନ୍ନକ୍ଷମ ଲୋକମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଟଙ୍କା ଆସୁଥିବାରୁ ଏହି ମିନି ବ୍ୟାଙ୍କରେ ଇଣ୍ଟରନେଟ୍ ନ ଥିବାରୁ ବୃଦ୍ଧ ବା ଭିନ୍ନକ୍ଷମମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମୋବାଇଲ ଟାୱାରର ସମସ୍ୟା ନେଇ ୧୫ଟି ଗ୍ରାମର ଗ୍ରାମବାସୀ ଏକତ୍ର ହୋଇ ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ଏହି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜିଯାଏ କୌଣସି ମୋବାଇଲ ନେଟ୍‌ୱର୍କ ସ୍ଥାପନ ହୋଇନାହିଁ। ଏନେଇ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳର ୧୫ଟି ଗ୍ରାମର ଗ୍ରାମବାସୀ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ଭୌତିକ ଚିକିତ୍ସା ଶିବିରରେ ୭୩ ଚିକିତ୍ସିତ

ବ୍ରହ୍ମପୁର,୭।୪ (ସୁବାସ ଚନ୍ଦ୍ର ପାଢ଼ୀ)


ଶିବିରରେ ଚିକିତ୍ସା କରାଯାଉଛି।

ସ୍ଥାନୀୟ ବୈକୁଣ୍ଠ ନଗର ଦ୍ୱିତୀୟ ଗଳିରେ ରବିବାର ଭୌତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କୁରି ଫିଜିଓଥେରାପି ଓ ରିହାବିଲିଏସନ ସେଣ୍ଟର ପକ୍ଷରୁ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ଭାବେ ଡା. ଜୟଶଙ୍କର ପଣ୍ଡା ଓ ଡା. ସ୍ମୃତିରେଖା ମହାପାତ୍ର ଉଦଘାଟନ କରିଥିଲେ। ୧୮ ଜଣଙ୍କ ଭୌତିକ ଚିକିତ୍ସା କରାଯାଇଥିବାବେଳେ ଅକୁପେସନାଲ ଥେରାପି ୨୨ ଜଣଙ୍କର କରାଯାଇଥିଲା। ସେହିପରି ସ୍ପିଚ ଥେରାପି ୧୫ଜଣଙ୍କର, ଶ୍ରବଣ ପରୀକ୍ଷା ୧୦ଜଣଙ୍କର ଓ ସ୍ପେଶିଆଲ ଏଜୁକେସନ ଚିକିତ୍ସା ୮ ଜଣଙ୍କର ଏଭଳି ମୋଟ ୭୩ଜଣଙ୍କର ଚିକିତ୍ସା କରାଯାଇଥିଲା। ଫିଜିଓଥେରାପିଷ୍ଟ ଡା. ଶଶାଙ୍କ ଶେଖର ପରିଡା, ଡା.ପ୍ରିୟମ୍ବଦା ପଲାଇ, ଡା. ପୟଙ୍କା ପରମିତା, ଡା. ବିଦ୍ୟୁତପ୍ରଭା ମିଶ୍ର ଏବଂ ଅକୁପେସନାଲ ଥେରାପିଷ୍ଟ ଡା.ମନିଷା ମହାପାତ୍ର, ଡା.ସ୍ୱାଗତିକା ଚୌଧୁରୀ, ଡା. ଲିପ୍‌ସିକା ବେହେରା, ସ୍ପିଚ ଥେରାପିଷ୍ଟ ଡା. ସୁମିତ ବେହେରା, ରୁଦ୍ର ନାରାୟଣ ଦାସ, ସ୍ପେଶିଆଲ ଏଜୁକେସନ ପାଇଁ ଦେବାଶିଷ ବେହେରା ରଞ୍ଜିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡିର ବିଶାଳ ବାଇକ୍ ଶୋଭାଯାତ୍ରା



ବ୍ରହ୍ମପୁର,୭।୪ (ନରସିଂହ ସାହୁ)

ରବିବାର ସନ୍ଧ୍ୟାରେ ବିଜେଡିର ନିର୍ବାଚନୀ ପ୍ରଚାର ରୋଡ ଶୋ' ଅନୁଷ୍ଠିତ ହୋଇଥିଲା। ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାନସଭା ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଏହି ରୋଡ ଶୋ ଇଞ୍ଜିନିୟରିଂ ସ୍କୁଲ ଛକରୁ ବାହାରିଥିଲା। ଅଧାବାଟରେ ବର୍ଷା ବିଘ୍ନାତ ଯୋଗୁ ଖଲ୍ଲିକୋଟ ଷ୍ଟାଡିୟମ ପାଖରେ ଦୀର୍ଘ ସମୟ ଅଟକିଗଲା। ବର୍ଷା ଛାଡ଼ିବା ପରେ ଟାଉନ ହଲ ରୋଡ, ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ବଜାର ଦେଇ ରୋଡ ଶୋ ଫାଷ୍ଟଗେଟ ଓ ହରିଡ଼ାଖଣ୍ଡି ଛକ ଯାଏଁ ଯାଇଥିଲା। ଲୋକସଭା ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥୀ ଏଠାକାର ଆରାଧ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିରକୁ ଯାଇ ଆଶିଷ ପ୍ରାର୍ଥନା କରିଥିଲେ। ମନ୍ଦିର ନିକଟ ଏକ ପଡ଼ିଆରେ ପ୍ରାକ୍ ନିର୍ବାଚନୀ ପ୍ରଚାର ସଭା ମଧ୍ୟ ହୋଇଥିଲା। ନେତାମାନେ ଭାଷଣ ପ୍ରସଙ୍ଗରେ ବିଜେଡି ସରକାରଙ୍କ ୨୪ ବର୍ଷ ଶାସନରେ ହୋଇଥିବା ବହୁମୁଖୀ କଲ୍ୟାଣ ମୂଳକ ଯୋଜନା ସମ୍ପର୍କରେ ବଖାଣିଥିଲେ। ଚଳିତ ନିର୍ବାଚନରେ ମଧ ପୁଣି ବିଜେଡିକୁ ସମର୍ଥନ ଏବଂ ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବେ ସେଥିପାଇଁ ପୁନର୍ବାର ସମର୍ଥନ କରିବାକୁ ଭୋଟରଙ୍କୁ ନିବେଦନ କରାଯାଇଥିଲା।

କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି, ଶଙ୍ଖ ଦଳର କର୍ପୋରେଟମାନେ, ମହିଳା, ଯୁବ, ଛାତ୍ର ସଂଗଠନର ନେତା ଓ କର୍ମୀ ବାଇକ ରାଲିରେ ସାମିଲ ହୋଇଥିଲେ।

# ତେର ଦଣ୍ଡର ମହାମିଳନ ଉଦ୍‌ଯାପିତ



ବାଲିଗୁଡ଼ା,୭।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ତେର ଦଣ୍ଡର ମହାମିଳନ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ମହାମିଳନକୁ ଦେଖିବା ଲାଗି ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରବିବାର ସକାଳେ ମା' ପାଟଖଣ୍ଡା ମନ୍ଦିରରେ ତେରଦଣ୍ଡ ଥଳଙ୍କୁ ବରଣ କରାଯାଇଥିଲା। ମଧ୍ୟାହ୍ନରେ ଅନୁଷ୍ଠିତ ଧୂଳିଦଣ୍ଡରେ ଦଣ୍ଡୁଆଙ୍କ ବିଭିନ୍ନ କାଠୁରିଆ ନୃତ୍ୟ ଜଙ୍ଗଲ ସୁରକ୍ଷା ଏବଂ ଜନ୍ତୁ ସୁରକ୍ଷା ନେଇ ବାଘନାଟ, ବୀଣାକାର, ବିଲରେ ଧାନରୁଆ ଆଦି ନାଟକ ବେଶ୍ ଆକର୍ଷିତ କରିଥିଲା। ସନ୍ଧ୍ୟାରେ ସ୍ଥାନୀୟ ତ୍ରିବେଦୀ ପାର୍କ ସମ୍ମୁଖରେ ଏକ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ସଙ୍ଗୀତ ସନ୍ଧ୍ୟା ଆୟୋଜନ ହୋଇଥିଲା। ରାତ୍ରରେ ଝୁଣାଦଣ୍ଡ ପଟୁଆର ସହ ସୋମବାର ସକାଳେ ଯାତ୍ରା ସମାପନ ହୋଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଉପଜିଲାପାଳ ଡ. ରୀନା ପ୍ରଧାନ, ଡିଏଫଓ ବିଶ୍ୱରାଜ ପଣ୍ଡାଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସମିତିର ସଭାପତି କିଶୋର କୁମାର ପାଳ, ଉପସଭାପତି ସୁଜିତ କୁମାର ପାଳ, ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, ସହ ସମ୍ପାଦକ ଭଗବାନ ପଣ୍ଡା, କୋଷାଧ୍ୟକ୍ଷ ବଂଶୀଧର ପଣ୍ଡା, ମୁଖ୍ୟ ଉପଦେଷ୍ଟା ସୁରେଶ ଚନ୍ଦ୍ର ମହାନ୍ତି, ସହଯୋଗୀ ଉପଦେଷ୍ଟା ଲୋକନାଥ ପାଢ଼ୀ, ହିମାଂଶୁ ଶେଖର ଦାସ, ମଦନ ମୋହନ ପାଢ଼ୀ, ରାଜ କିଶୋର ଦାସ, ସଂଗ୍ରାମ କେଶରୀ ସାବତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଭଞ୍ଜ ଟ୍ରଫି କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ଭଞ୍ଜନଗର,୭।୪ (ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡିଆରେ ରବିବାର କବି ସମ୍ରାଟ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲୁଣ୍ଡି ସରପଞ୍ଚ ରଞ୍ଜିତ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲୁଣ୍ଡି ସୋସାଇଟି ନିର୍ଦ୍ଦେଶକ ନାରାୟଣ ଆରୁଖ, କ୍ରୀଡାବିତ ପି. ଆନନ୍ଦ ରାଓ, କ୍ୟାପଟେନ ମହେନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୂଳପାଣି ଶତପଥୀ ସଭାକୁ ସଂଯୋଜନା କରିଥିଲେ। ପ୍ରତିଯୋଗିତା ସୋମବାର ରାତିରେ ଉଦଯାପିତ ହେବ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୦ ଟିମ ଭାଗ ନେଇଛି। ଆଜିର ମ୍ୟାଚଗୁଡିକୁ ରେଫରୀ ଅଂଶୁମାନ ବିଷୋୟୀ, ଚନ୍ଦନ, ପି ରମେଶ, ବିଚିତ୍ର ଜେନା, ସୁବାସ ଗୌଡ, ପ୍ରବୀଣ କୁମାର ଖାଡେଙ୍ଗା, ମାନସ ପ୍ରହରାଜ, ଆକାଶ ରେଡ୍ଡୀ ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଚୁଦଣ୍ଡ ମହାମେଳନରେ ଲୋକାରଣ୍ୟ

ଶେରଗଡ଼, ୭।୪(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ଗ୍ରାମରେ ରବିବାର ପଞ୍ଚୁଦଣ୍ଡ ମହାମେଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚୁଦଣ୍ଡ ପ୍ରଥମ କରି ହେଉଥିବାରୁ ଯୁବଗୋଷ୍ଠୀଙ୍କୁ ୫ ଭାଗରେ ବିଭକ୍ତ କରାଯାଇଥିଲା। ପ୍ରତି ଦଣ୍ଡ ପାଇଁ ୨୦ରୁ ଅଧିକ ଯୁବକ ଏକ ପ୍ରକାର ବସ୍ତ୍ର ପରିଧାନ କରି ଦଣ୍ଡ ଦଳକୁ ସ୍ୱାଗତ କରିବା ନିମନ୍ତେ ଜଗି ରହିଥିଲେ। ଦଣ୍ଡ ଦଳ ଶେରଗଡ଼ରେ ପହଞ୍ଚିବା ପରେ ସେମାନଙ୍କ ଦଳକୁ ସ୍ୱାଗତ କରିବା ସହ ଧାଡିରେ ଢୋଲ ମହୁରି ବଜାଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ରାସ୍ତାରେ ଯିବା ବେଳେ ମହିଳାମାନେ ଶାଢ଼ି ପକାଇ ସେମାନଙ୍କୁ ପାଛୋଟି ନେଉଥିଲେ। ସେଠାରୁ ପ୍ରତି ସାହି ପରିକ୍ରମା କରିଥିଲେ ଦଣ୍ଡ ଦଳ। ପରମ୍ପରା ଅନୁସାରେ ଧୂଳିଦଣ୍ଡ ସାରି ଦଣ୍ଡଦଳ ହାଟବନ୍ଧରେ ପାଣିଦଣ୍ଡ ସମାପନ ହୋଇଥିଲା। ମହାମେଳନ ପଡ଼ିଆରେ ଦିଆଯାଇଥିବା ଜାଗାରେ କାଳୀ, ଶିବ, ଢୋଲ, ଡୁରୀମାନଙ୍କର ସମ୍ମେଳନ କରାଯାଇଥିଲା। ପରେ ସମସ୍ତେ ଠାକୁରମାନଙ୍କୁ ନେଇ ପାରମ୍ପରିକ କଳା ପ୍ରଦର୍ଶନ କରିଥିଲେ। ଏହି ପାଞ୍ଚ ଦଣ୍ଡ ଦଳ ମଧ୍ୟରେ ରାଉଳପଲ୍ଲୀ, ବୋଇରାଣି, ମୋରାବାଇ, ଲେମ୍ବୋଇ, ଜାମୁନୀ ଦଳ ସାମିଲ ଥିଲେ।


ଶୋଭାଯାତ୍ରାରେ ଦଣ୍ଡୁଆମାନଙ୍କ ସହିତ ଭକ୍ତମାନେ ଗ୍ରାମ ପରିକ୍ରମା କରୁଛନ୍ତି।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ, ୭।୪(ରାକେଶ କୁମାର ରାଉତ)


ପଥପ୍ରାନ୍ତ ନାଟକରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ସାଧାରଣ ନିର୍ବାଚନ ପାଇଁ ଏପ୍ରିଲ୍ ଓ ମେ' ମାସରେ ବ୍ୟାପକ ସ୍ୱିପ କାର୍ଯ୍ୟକଳାପ ଉପରେ ନିର୍ବାଚନ ଆୟୋଗ ଗୁରୁତ୍ୱାରୋପ କରିଛନ୍ତି। ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଁ ଶୃଙ୍ଖଳିତ ଭୋଟର ଶିକ୍ଷା ଏବଂ ନିର୍ବାଚନୀ ଅଂଶ ଗ୍ରହଣ (ସ୍ୱିପ) କାର୍ଯ୍ୟକଳାପ କରାଯିବ। ଏହି କ୍ରମରେ ଶୁକ୍ରବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ଥାନୀୟ ସର୍କିଟ୍ ହାଉସ୍ ପରିସରରୁ ଏକ ରାଲି ବାହାରି ଫୁଲବାଣୀ ସହର ପରିକ୍ରମା କରିଥିଲା। ଏଥିରେ କନ୍ଧମାଳ ଅତିରିକ୍ତ ଜିଲାପାଳ (ନିର୍ବାଚନ) ରମେଶ ଚନ୍ଦ୍ର ଜେନା, ଉପ ଜିଲାପାଳ ଚିତ୍ତରଞ୍ଜନ ମହନ୍ତ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସୁଶ୍ରୀ ଦେବାଯାନୀ ଭୂୟାଁ, ନିର୍ବାଚନ ସହକାରୀ ଜିଲାପାଳ ଡି. ମାଳେଶ୍ୱର ପାତ୍ରଙ୍କ ସମେତ ବିଭାଗୀୟ ପଦାଧିକାରୀ, ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରୀ, ଇ-ଲାଇବ୍ରେରୀ ଓ ସିଭିଲ୍ ସର୍ଭିସ୍ ସେଣ୍ଟରର ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, ଟ୍ରାନ୍ସଜେଣ୍ଡରମାନେ ଯୋଗ ଦେଇଥିଲେ। ସିଭିଲ୍ ସର୍ଭିସ୍ ସେଣ୍ଟରର ଛାତ୍ରୀଛାତ୍ରମାନେ ମାଦିକୁନ୍ଦା ଛକ ଓ ଗୋପବନ୍ଧୁ ଛକ ଠାରେ ପଥପ୍ରାନ୍ତ ନାଟକ 'ସହରଠୁ ଗାଁ ଭୋଟ ଦେଇ ରଖିବା ନାଁ ' ପ୍ରଦର୍ଶିତ କରିଥିଲେ।

ସୂଚନାଯୋଗ୍ୟ, ନିର୍ବାଚନ ଉପରେ ଜଣାଇବା ପାଇଁ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଘରକୁ ଘର ବୁଲି ଭୋଟରଙ୍କୁ ସଚେତନ କରାଯିବ। ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ନାଗରିକମାନଙ୍କୁ ଶିକ୍ଷିତ ଏବଂ ଉତ୍ସାହିତ କରାଯିବ। ଯୁବ ଓ ନବ ବିବାହିତ ଭୋଟରଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବା ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଟାର୍ଗେଟେଡ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବ। 'ନିର୍ବାଚନର ପର୍ବ, ଆମ ଦେଶର ଗର୍ବ' ଥିମ୍ ଉପରେ ବାର୍ତ୍ତା, ଭୋଟରଙ୍କୁ ମତଦାନ ପାଇଁ ନିମନ୍ତ୍ରଣ ସହିତ ସେମାନଙ୍କ ମଧ୍ୟରେ ଗର୍ବ ଓ ଦାୟିତ୍ୱବୋଧ ସୃଷ୍ଟି କରିବା ପାଇଁ କୁଇଜ୍, ଚିତ୍ରାଙ୍କନ, ରଙ୍ଗୋଲି ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯିବ। ସିଇଓଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଭିଡିଓ ଭୋଟର ସଚେତନତା ପାଇଁ ବ୍ୟବହାର କରାଯିବ। ଭୋଟର ସଚେତନତା ବାର୍ତ୍ତା ସହ ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ୍ ପମ୍ପ, ପାର୍କ, ସର୍ବସାଧାରଣ ସ୍ଥାନ, ହାଟ ଇତ୍ୟାଦି ସ୍ଥାନରେ ହୋର୍ଡିଂ ଲଗାଯିବ ଏବଂ ଫ୍ଲେକ୍ସ ପ୍ରଦର୍ଶନ କରାଯିବ। ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ସରକାରୀ କାର୍ଯ୍ୟାଳୟ କାନ୍ଥରେ ନିର୍ବାଚନ ସଚେତନତା ଉପରେ ବିଭିନ୍ନ ସଚେତନତା ବାର୍ତ୍ତା/ଚିତ୍ରାଙ୍କନ କରାଯାଇପାରିବ। ନିର୍ବାଚନ ପ୍ରକ୍ରିୟା ପ୍ରତି ଆକର୍ଷଣ ଓ ଦୃଷ୍ଟି ଆକର୍ଷଣ କରିବା ଏବଂ ନାଗରିକ ବିଶେଷ କରି ଯୁବ ଭୋଟରଙ୍କୁ ସେମାନଙ୍କର ମତଦାନ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସାଇକେଲ ରାଲି/ୱାକାଥନ/ମାରାଥନର ଆୟୋଜନ କରାଯିବ। ନାଗରିକମାନଙ୍କୁ ଦସ୍ତଖତ ଅଭିଯାନରେ ନିୟୋଜିତ କରାଯିବ ଏବଂ ଭୋଟ ଦେବାପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରତିଶ୍ରୁତି ଦେବା ସହିତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରାଯିବ।

# ଜଙ୍ଗଲ ଭିତରେ ଚାଲିଛି ଜଙ୍ଗଲରାଜ

- ଖାରପାଣି ମାଛ ଚାଷ ନାମରେ ବଢ଼ୁଛି ଚିଙ୍ଗୁଡ଼ି ଘେରି
- ବିଷ ବଳୟରେ ମଣିଷ ସହ ବନ୍ୟ ଓ ସାମୁଦ୍ରିକ ଜୀବ
- ଘେରି ଉଚ୍ଛେଦ ନିର୍ଦ୍ଦେଶକୁ ନେଇ ଉଠିଲାଣି ପ୍ରଶ୍ନ

କେନ୍ଦ୍ରାପଡ଼ା, ୭।୪ (ଜଗନ୍ନାଥ ଧଳ)


କେନ୍ଦ୍ରାପଡ଼ା ଜିଲା ବଡ଼ତୁବି ଅଞ୍ଚଳରେ ଗଢ଼ି ଉଠିଥିବା ଚିଙ୍ଗୁଡ଼ି ଘେରି ।

ଧାମରାଠାରୁ ପାରାଦୀପ ବନ୍ଦର ମଧ୍ୟରେ ଥିବା ସାମୁଦ୍ରିକ ଉପକୂଳ ଏବେ ଚିଙ୍ଗୁଡି ଘେରିରେ ଭରିଗଲାଣି। ପ୍ରତ୍ୟେକ ଦିନ ଏହି ତଟାଞ୍ଚଳରେ ଅନ୍ୟୂନ ୧୦ରୁ ଅଧିକ ଘେରି ପ୍ରସ୍ତୁତ ହେଉଛି। ଏଥିରେ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟ ବାଦ୍ ପଡିନାହିଁ। ଚିଙ୍ଗୁଡି ଘେରିରୁ ଉତ୍ପନ୍ନ ବିପଜ୍ଜନକ ରାସାୟନିକ ଦ୍ରବ୍ୟ ଓ ଗ୍ୟାସ ଏକ ବିଷ ବଳୟ ସୃଷ୍ଟି କରିଛି। ଏଥିରେ ମଣିଷ ସହ ବନ୍ୟ ଓ ସାମୁଦ୍ରିକ ଜୀବ ପ୍ରଭାବିତ ହେଉଛନ୍ତି। ଖାରପାଣି ଚାଷକୁ ପ୍ରୋତ୍ସାହିତ କରି ହାଇକୋର୍ଟଙ୍କ ଆଦେଶକୁ ଅମାନ୍ୟ କରାଯାଉଛି। ଚିଙ୍ଗୁଡି ଘେରି ଉଚ୍ଛେଦ ଆଉ ହେଉନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଦୋଳଗୋବିନ୍ଦ ଜେନା, ପ୍ରତାପ କୁମାର ପାଢ଼ୀ, ସୁନୀଲ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ ପ୍ରମୁଖ କହିଛନ୍ତି ଯେ, ରାଜ୍ୟ ସରକାର ଖାରପାଣି ମାଛ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଜିଲା ପ୍ରଶାସନର ଏହି ତତ୍ପରତା ଭିତରକନିକାର ଜୈବ ବିବିଧତା ଉପରେ ପ୍ରଭାବ ପକାଇଛି। ଏପରିକି ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଚିଙ୍ଗୁଡି ଘେରି ମାଲିକଙ୍କ ଜଙ୍ଗଲରାଜ ଚାଲିଛି। ଜଙ୍ଗଲ ମଧ୍ୟରେ ତଟାଞ୍ଚଳ ଏବେ ଜବରଦଖଲକାରୀଙ୍କୁ ହାତକୁ ଚାଲିଯାଇଛି। ପ୍ରତ୍ୟେକ ଦିନ ନୂଆ କରି ୧୦ରୁ ୨୦ଟି ଘେରି ପ୍ରସ୍ତୁତ ହେଉଛି। ଏହି ଚାଷ ପାଇଁ ଏରିଏଟର ଓ ପାଣି ପମ୍ପ ଚାଳନା ଆବଶ୍ୟକ। ଏହି ଦୁଇ ଯନ୍ତ୍ରରୁ ଉତ୍ପନ୍ନ ଶବ୍ଦ ବନ୍ୟ ପ୍ରାଣୀଙ୍କୁ ବିଚଳିତ କରୁଛି। ସେହିପରି ଘେରି ପାଇଁ ଜଙ୍ଗଲ କାଟିବା ଏଠାରେ ସ୍ୱାଭାବିକ ଘଟଣା ହୋଇଛି। ଚାଷ ପାଇଁ ବ୍ୟବହାର ହେଉଥିବା ରାସାୟନିକ ଦ୍ରବ୍ୟ, ଔଷଧ ବନ୍ୟ ଓ ସାମୁଦ୍ରିକ ଜୀବଜନ୍ତୁଙ୍କ ମୃତ୍ୟୁର କାରଣ ହୋଇଛି। ପ୍ରାୟ ୧୪ ପ୍ରକାର ନିଷିଦ୍ଧ ଔଷଧ ଚିଙ୍ଗୁଡିର ଶାରୀରିକ ଓ ବଂଶ ବୃଦ୍ଧି ପାଇଁ ବ୍ୟବହାର ହେଉଛି। ଘେରିରୁ ଜଳ ନିଷ୍କାସିତ ହୋଇ ନିକଟସ୍ଥ ନାଳ ମଧ୍ୟ ଦେଇ ସମୁଦ୍ରରେ ପଡୁଛି। ଏବେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ୨୬୩ ପ୍ରକାର ମାଛଙ୍କ ପ୍ରଜନନ ସମୟ। ତେବେ ଚିଙ୍ଗୁଡି ଘେରିର ରାସାୟନିକ ଦ୍ରବ୍ୟ ସାମୁଦ୍ରିକ ମାଛ ବଂଶ ବୃଦ୍ଧିକୁ ରୋକୁଛି। ଫଳରେ ଆଗାମୀଦିନରେ ଖାଦ୍ୟ ଆଶାରେ ଆସୁଥିବା ବିଦେଶୀ ପକ୍ଷୀର ସମ୍ଭାର ଦେଖିବାକୁ ମିଳିବ ନାହିଁ। ସେହିପରି ଜାନୁଆରୀରୁ ଡଲଫିନଙ୍କ ଗଣନା ହୋଇଥିଲେ ମଧ୍ୟ ସଂଖ୍ୟା ପ୍ରକାଶ ପାଉନାହିଁ। ଗତବର୍ଷଠାରୁ ଏଠାରେ ଢ଼େର କମ୍ ସଂଖ୍ୟା ରହିଥିବା ଆଲୋଚନା ହେଉଛି। ଚିଙ୍ଗୁଡି ଘେରିର ବୃଦ୍ଧି ଅର୍ଥ ସ୍ଥାନୀୟ ଅଞ୍ଚଳର ଚାଷରେ ବୃହତ୍ କ୍ଷତି। ସମୁଦ୍ରର ଖାରପାଣିକୁ ନାଳ ମଧ୍ୟରେ ଘେରିକୁ ଆଣିବା ସମୟରେ ସ୍ଥାନୀୟ ଚାଷ ଜମି ଲୁଣି ପାଲଟୁଛି। ଫଳରେ ପ୍ରତ୍ୟହ ଚାଷକୁ ନେଇ କଳିଗୋଳ ହେଉଛି। ହାଇକୋର୍ଟ ପକ୍ଷରୁ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ହୋଇଥିଲା। ଏଥିପାଇଁ ହାଇକୋର୍ଟ ପକ୍ଷରୁ ବାରମ୍ବାର ଜିଲା ପ୍ରଶାସନକୁ ତାଗିଦ ହେଉଛି। ଏହାସତ୍ତ୍ୱେ ଚିଙ୍ଗୁଡି ଘେରି ଉଚ୍ଛେଦ ଏକପ୍ରକାର ବନ୍ଦ ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ଖାରପାଣି ମାଛ ଚାଷ ପାଇଁ କେତେଜଣ ଚାଷୀଙ୍କୁ ଅନୁମତି ଦିଆଯାଇଛି। ଚାଷ ପାଇଁ ଅନୁମତି ନେଇ ନ ଥିବା ଚାଷୀଙ୍କ ଘେରି ଉଚ୍ଛେଦ ହେଉଥିବା ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜୟନ୍ତୀ


@ ନିର୍ମଳ


@ ସସ୍ମିତା


@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସି ଭିଜିଲ ସିଟିଜେନ ଆପ୍‌ରେ ୫୫ ଅଭିଯୋଗ

## ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ମାମଲା

କେନ୍ଦ୍ରାପଡ଼ା, ୭।୪ (ଜଗନ୍ନାଥ ଧଳ)




ଦେଶରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ମାର୍ଚ୍ଚ ୧୬ରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏଥିସହ ସି ଭିଜିଲ ସିଟିଜେନ ଆପ୍‌ରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ସାଧାରଣ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରାଯାଉଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାରେ ମୋଟ ୫୫ଟି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଘଟଣା ଏହି ଆପ୍‌ରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମୟୂର ସୂର୍ଯ୍ୟବଂଶୀ ବିକାଶଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅଭିଯୋଗ ଗ୍ରହଣ ଓ ଏହାର ପରିଚାଳନା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଜିଲାର ପ୍ରତ୍ୟେକ ବିଧାନସଭା ନିର୍ବାଚନ କ୍ଷେତ୍ରରେ ୩ଟି ଲେଖାଏ ଫ୍ଲାଇଙ୍ଗ ସ୍କ୍ୱାଡ୍ କାର୍ଯ୍ୟ କରୁଛି। ଏଥିସହ ସି ଭିଜିଲ ଆପ୍ ଉପଯୋଗ କରାଯାଇ ଏ ସମ୍ପର୍କରେ ଅଭିଯୋଗ ଗ୍ରହଣ ସହ କାର୍ଯ୍ୟାନୁଷ୍ଠାନ ହେଉଛି। ମିଳିଥିବା ୫୫ଟି ଅଭିଯୋଗ ମଧ୍ୟରୁ ୫ଟି ଅଭିଯୋଗ ଭିତ୍ତିହୀନ। ୫ଟି ମାମଲା ଟ୍ରାଏଲ କେସ୍‌ରେ ଜାରି ରହିଛି। ଅବଶିଷ୍ଟ ମାମଲାଗୁଡ଼ିକ ଫ୍ଲାଇଙ୍ଗ ସ୍କ୍ୱାଡ୍ ମାଧ୍ୟମରେ ସମାଧାନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

# ବିଜେଡିକୁ ଫାଇଦା ଦେବ ଭାଜପା ଗୋଷ୍ଠୀ କନ୍ଦଳ

କାଏମା,୭।୪(ଶିବପ୍ରସାଦ ମହାନ୍ତି)

## ଧର୍ମଶାଳା ରାଜନୀତି



ଯାଜପୁର ଜିଲାର ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାୟ ଦୁଇ ଦଶନ୍ଧି ହେଲା ଜିତି ଆସୁଛି। ଏଥର ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଥିଲା। ହେଲେ ଭାଜପାର ଟିକେଟ ବଣ୍ଟନକୁ ନେଇ ବଡ଼ଧରଣର ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳିଛି। ଏହା ବିଜେଡିକୁ ଫାଇଦା ଦେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

୧୯୯୫ରେ ପ୍ରଥମ ଥର ଏହି ଆସନରେ କଳ୍ପତରୁ ଦାସ ଜନତା ଦଳ ଟିକେଟ୍‌ରେ ନିର୍ବାଚିତ ହୋଇଥିଲେ। ପରେ ସେ ବିଜେଡି ପ୍ରାର୍ଥୀ ଭାବେ ୨୦୦୦, ୨୦୦୪, ୨୦୦୯ ନିର୍ବାଚନରେ ବିଜୟୀ ହୋଇଥିଲେ। ଏହାପରେ ତାଙ୍କ ପୁଅ ପ୍ରଣବ କୁମାର ବଳବନ୍ତରାୟ ୨୦୧୪ ଏବଂ ୨୦୧୯ରେ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି। ୨୦୧୪ରେ ପ୍ରଣବ ୧ ଲକ୍ଷ ୯ ହଜାର ୨୪୧ଖଣ୍ଡ ଭୋଟ (୬୮.୬%) ପାଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ଶ୍ରୀନାଥ ମିଶ୍ର ୨୩,୪୫୫ ଖଣ୍ଡ ଭୋଟ (୧୪.୭୩%) ପାଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଭାଜପାର ରମେଶ ଚନ୍ଦ୍ର ପରିଡ଼ା ୧୯,୯୪୦ ଖଣ୍ଡ ଭୋଟ (୧୨.୫୨%) ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୯ରେ ପ୍ରଣବ ୧,୦୧,୩୬୪ ଖଣ୍ଡ ଭୋଟ (୫୮.୬୧%) ପାଇଥିବାବେଳେ ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡ଼ା ଦ୍ୱିତୀୟ ସ୍ଥାନକୁ ଉଠି ୪୮,୬୨୫ଖଣ୍ଡ ଭୋଟ(୨୮.୧୨%) ପାଇଥିଲେ। ସେହି ସମୟରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ ସ୍ମୃତିରେଖା ପହି। ସେ ୧୮,୫୮୮ଖଣ୍ଡ ଅର୍ଥାତ୍ ୧୦.୭୫% ଭୋଟ ପାଇ ତୃତୀୟ ସ୍ଥାନ ହାସଲ କରିଥିଲେ। ୨୦୧୪ ଏବଂ ୨୦୧୯ ନିର୍ବାଚନକୁ ତୁଳନା କଲେ ଭାଜପାର ଭୋଟ ପ୍ରାୟ ୧୮% ବୃଦ୍ଧି ପାଇଥିବାବେଳେ ବିଜେଡି ଭୋଟ ହାର ପ୍ରାୟ ୧୦% ହ୍ରାସ ପାଇଥିଲା।

ବର୍ତ୍ତମାନ ବିଜେଡି ସ୍ଥିତି ସ୍ଥିର ଥିବାବେଳେ ଅନ୍ୟ ସବୁ ଦଳର ସ୍ଥିତି ଏପଟ ସେପଟ ଦେଖାଦେଇଛି। ଗତଥର କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସ୍ମୃତିରେଖା ବର୍ତ୍ତମାନ ଭାଜପା ଟିକେଟ ପାଇବା ପରେ ଦଳରେ ବଢ଼ିଛି ଗୋଷ୍ଠୀ କନ୍ଦଳ। ଭାଜପାର ପ୍ରମୁଖ ଟିକେଟ ଆଶାୟୀ ପ୍ରାର୍ଥୀ ଥିଲେ ହିମାଂଶୁ ଶେଖର ସାହୁ। କିନ୍ତୁ ଦଳ ଟିକେଟ ବଣ୍ଟନରେ ହେରଫେର କରିଥିବା ଅଭିଯୋଗ ଆଣିଛନ୍ତି ହିମାଂଶୁଙ୍କ ସମର୍ଥକ। ସ୍ମୃତିରେଖାଙ୍କୁ ପ୍ରାର୍ଥୀ କରାଯିବାକୁ ବିରୋଧ କରି ହିମାଂଶୁଙ୍କ ୫ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରାତି ଉଜାଗର ହୋଇ ଦୁଇ ଦିନ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଟିକେଟ ପରିବର୍ତ୍ତନର ଆଶା ନେଇ ଫେରିଛନ୍ତି। ସୋମବାର ପର୍ଯ୍ୟନ୍ତ ରାଜ୍ୟ ସଭାପତି ସମୟ ନେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଶନିବାର ଭାଜପା ପ୍ରତିଷ୍ଠା ଦିବସକୁ ଏଠାରେ ଦୁଇ ଭାଗରେ ପାଳନ କରାଯାଇଛି। ହିମାଂଶୁଙ୍କ ସହ ବହୁ ସଂଖ୍ୟାରେ ଭାଜପା କର୍ମୀ ଜାରକା କୁମାରୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି। ସେହିପରି ସ୍ମୃତିରେଖା ଓ ତାଙ୍କ ସମର୍ଥକ ରାଜ୍ୟ କାର୍ଯ୍ୟାଳୟକୁ ଯାଇ ପ୍ରତିଷ୍ଠା ଦିବସରେ ସାମିଲ ହେବାସହ ଟିକେଟ ପାଇଥିବାରୁ ଦଳର ଶୀର୍ଷ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଖରସ୍ରୋତାରୁ ମିଳିଲା ନାବାଳକଙ୍କ ମୃତଦେହ

## ହତ୍ୟା ଅଭିଯୋଗ ଆଣିଲେ ପରିବାର

ଯାଜପୁରରୋଡ୍/କଳିଙ୍ଗନଗର,୭।୪ (ପବିତ୍ର ରଞ୍ଜନ ମହାନ୍ତି/ଶୁଭାଶିଷ ରାଉତ):


ଆଶୁତୋଷ ନାୟକ

ଯାଜପୁର ରୋଡ୍ ଥାନା ଅଧୀନ ଯୋକଡ଼ିଆ ଗାଁ ନିକଟ ଖରସ୍ରୋତା ନଦୀକୂଳରୁ ରବିବାର ଜଣେ ନାବାଳକଙ୍କ ମୃତଦେହ ମିଳିଛି। ମୃତ ନାବାଳକ ଦାନଗଦି ବ୍ଲକ କୁମ୍ଭୀରଗାଡ଼ିଆ ଗାଁର ଚିନ୍ତାମଣି ନାୟକଙ୍କ ପୁଅ ଆଶୁତୋଷ(୧୭)ବୋଲି ଜଣାପଡିଛି। ଖବରପାଇ ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ଆଶୁତୋଷଙ୍କ ପରିବାର ଅଭିଯୋଗ କରିଛନ୍ତି।

ଶନିବାର ମଧ୍ୟାହ୍ନରେ ଆଶୁତୋଷ ଅନ୍ୟ ୨ ସାଙ୍ଗଙ୍କ ସହିତ ସ୍ଥାନୀୟ ଜନସେବା କେନ୍ଦ୍ରକୁ ଯାଉଛି କହି ଘରୁ ବାହାରିଥିଲେ। ହେଲେ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ନଦୀରେ ଜଣେ ଯୁବକ ବୁଡ଼ି ଯାଇଥିବା ସୂଚନା ପାଇଥିଲେ। ରବିବାର ସକାଳୁ ମୃତଦେହ ବ୍ୟାରେଜ ନିକଟରେ କୂଳରେ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ନାବାଳକ ଓ ତାଙ୍କ ୨ ସାଙ୍ଗ ଘରୁ ଆସିବା ପରେ କୌଣସି ସ୍ଥାନରେ ମଦ୍ୟପାନ କରି ନଦୀରେ ଗାଧୋଇଥିଲେ। ଏହି ସମୟରେ ଆଶୁତୋଷ ବୁଡ଼ି ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି। ତେବେ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆଶୁତୋଷଙ୍କ ସହ ଯାଇଥିବା ଅନ୍ୟ ୨ ଜଣଙ୍କ ବିଷୟରେ ପୋଲିସ ତଥ୍ୟ ସଂଗ୍ରହ କରଛି। ଯୁବକ ଦ୍ୱୟ ଘଟଣା ସମ୍ପର୍କରେ କାହିଁକି ଆଶୁତୋଷଙ୍କ ପରିବାର ଲୋକଙ୍କୁ ସୂଚନା ଦେଇ ନ ଥିଲେ ତାହାକୁ ନେଇ ପୋଲିସର ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ଥାନାରେ ନଂ.୨୩୪/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଡାକ୍ତରଙ୍କ ଘରୁ ଲକ୍ଷାଧିକ ଟଙ୍କା, ସୁନାଗହଣା ଚୋରି

## ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ, ସନ୍ଧାନୀ କୁକୁର

ରାଜକନିକା, ୭।୪(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅନ୍ତର୍ଗତ ଓଳାଭର ଅଞ୍ଚଳ ବାଲିସାହି ଛକଠାରେ ଥିବା ଡାକ୍ତର ଶ୍ୟାମାପ୍ରସାଦ ନାୟକଙ୍କ ଘରୁ ନଗଦ ଟଙ୍କା ସହ ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଓଳାଭର-ସିଂହପୁର ରାସ୍ତା ବାଲିସାହି ଛକ ନିକଟରେ ଥିବା ଡାକ୍ତର ନାୟକଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ୫ତାରିଖ ରାତ୍ରିରେ ତାଙ୍କ ଘର ଝରକା ତାଡି ଘରୁ ନଗଦ ୧ ଲକ୍ଷ ୫ ହଜାର ଟଙ୍କା ଓ ୧୨ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହେଇଯାଇଥିଲା। ଘରକୁ ଫେରିବା ପରେ ଚୋରି ସମ୍ପର୍କରେ ଜାଣିବା ପରେ ୬ ତାରିଖରେ ଡାକ୍ତରଙ୍କ ପୁଅ ସବ୍ୟସାଚୀ ନାୟକ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୪୬/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ପୋଲିସ ପକ୍ଷରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଅଧିକ ତଦନ୍ତ ଜାରି ରଖିଛ। ହେଲେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୋଲିସକୁ କୌଣସି ଖୋରାକ୍ ମିଳି ନାହିଁ।

# ଏକାଠି ହେଲେ ବିଜେଡି କର୍ମୀ, ଅଂଶୁମାନଙ୍କ ସମର୍ଥକ

## ରାଜନଗର ବିଧାନସଭା କ୍ଷେତ୍ର


ରାଜନଗର ମା’ ଜୟଦୁର୍ଗା ପୀଠରେ ସମର୍ଥକଙ୍କ ଗହଣରେ ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି,ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ।

ରାଜନଗର, ୭।୪ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ପ୍ରସିଦ୍ଧ ମା’ଜୟଦୁର୍ଗା ଶକ୍ତିପୀଠରେ ବିଜେଡିର ମହାମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ତାଙ୍କୁ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ କରାଯାଇଛି। ଚଳିତମାସ ୪ ତାରିଖରେ ରାଜନଗରର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମିଳିତ ଭାବେ ରାଜନଗରରେ ଶକ୍ତି ପ୍ରଦର୍ଶନ କରିଥିଲେ। ବିଜେଡିରେ ଅଂଶୁମାନ ସାମିଲ ହେବା ପରେ ତାଙ୍କ ସମର୍ଥିତ ପଞ୍ଚାୟତ ସ୍ତରର ନେତାମାନେ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇ ନ ଥିଲେ। ଶନିବାର ସନ୍ଧ୍ୟାରେ ମା’ ଜୟଦୁର୍ଗାଙ୍କ ପୀଠରେ ବିଜେଡିର କର୍ମୀ ଓ ଦଳରେ ଯୋଗ ଦେଇଥିବା ଅଂଶୁମାନଙ୍କ ସମର୍ଥକମାନେ ଏକାଠି ହୋଇ ସମସ୍ତେ ବିଜେଡି ଓ ଶଙ୍ଖ ଚିହ୍ନ ପାଇଁ ଏକ ହୋଇ କାମ କରିବେ ବୋଲି ଶପଥ ନେଇଥିଲେ।

ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜନଗର ବ୍ଲକର ୨୯ଟି ପଞ୍ଚାୟତର ହଜାରରୁ ଅଧିକ ବ୍ଲକ ଓ ପଞ୍ଚାୟତ ସ୍ତରର ଛାମୁଆ କର୍ମୀ ଯୋଗଦେଇଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ସନ୍ତୋଷ କୁମାର ମହାନ୍ତି, ଦେବେନ୍ଦ୍ର କୁମାର ଜେନା, ଲକ୍ଷ୍ମୀଧର ବାରିକ, ଅରୁଣ କୁମାର ସାହୁ, ଗୋବର୍ଦ୍ଧନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଡିହାରୀ, ମାଧବ ଚନ୍ଦ୍ର ମାନ୍ନା, ରଘୁନାଥ ବେହେରା, ସୁଧୀର ପାଲ, ପାରେଶ୍ୱର ନାୟକ ପ୍ରମୁଖ ଏକତା, ବନ୍ଧୁତା ଓ ବିଶ୍ୱାସର ସହ ଦଳ ପାଇଁ କାମ କରିବାକୁ ଶପଥ ନେବାକୁ କହିଥିଲେ। ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଯୋଗଦେଇ ଆମ ପରିବାର ଭିତରେ ଥିବା ଲକ୍ଷ୍ମଣରେଖାର ପୂର୍ଣ୍ଣଚ୍ଛେଦ ପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଦୁଇ ଭାଇ ଏକ ହୋଇଛୁ। ଗୋଟିଏ ଲକ୍ଷ୍ୟ, ଗୋଟିଏ ସ୍ୱାର୍ଥ ଅଞ୍ଚଳର ବିକାଶ ବୋଲି କହିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ରାଜନଗରରେ ପ୍ରତ୍ୟେକ ପରିବାର ବିଜୁବାବୁଙ୍କୁ ଘରର ମୁରବୀ ବୋଲି ମାନନ୍ତି। ଆଜି ଯେଉଁ ମିଳନ ହୋଇଛି, ତାହା ଇତିହାସ ରଚିବା ଦରକାର। ସ୍ୱାଧୀନତା ପରଠାରୁ କେହି ରାଜନଗର ମାଟିରୁ ସାଂସଦ ପ୍ରାର୍ଥୀ ହୋଇ ନ ଥିଲେ। ଆମ ମାଟିର ସ୍ୱର ଦିଲ୍ଲୀରେ ଶୁଭିବ। ଆମ ଗେହ୍ଲା ପୁଅକୁ ଦିଲ୍ଲୀ ପଠାଇବା ସହ କହିବା ସହ ପ୍ରତ୍ୟେକ ବୁଥରେ ମୋଠାରୁ ସାଂସଦ ପ୍ରାର୍ଥୀ ଯେପରି ଖଣ୍ଡିଏ ଭୋଟ ଅଧିକ ପାଇବେ, ତାହା ଆପଣମାନଙ୍କ ଦାୟିତ୍ୱ ବୋଲି କହିଥିଲେ। ଏଥିସହ ଭାଜପାର ସାଂସଦ ପ୍ରାର୍ଥୀ ୧୦ବର୍ଷ କେନ୍ଦ୍ରାପଡ଼ାର ସାଂସଦ ହୋଇଥିଲେ। ତାଙ୍କ ସମୟରେ ଜଣେ କେହି ଚାକିରି ପାଇଲେ ନାହିଁ। ହେଲିକପ୍ଟରରେ ଉଡି ଆମ ଦାରିଦ୍ର୍ୟକୁ ଉପହାସ କରୁଥିଲେ। ୨ ଲକ୍ଷ ଟଙ୍କାର ତେଲ ପୋଡି ଘର ପୋଡି ବିପନ୍ନଙ୍କୁ ୫ଶହ ଟଙ୍କାର ଖାମ ଧରାଉଥିଲେ। ଏହି ଟଙ୍କା ଏକ କମ୍ପାନୀର ଟିକସ ଫଙ୍କି ଅର୍ଥରୁ ଦିଆଯାଉଥିଲା ବୋଲି କହିଥିଲେ। ଡାଙ୍ଗମାଳସ୍ଥିତ ମା’ଜୟଦୁର୍ଗାଙ୍କ ଫାଟକ ନିକଟରୁ ଉଭୟ ନେତାଙ୍କୁ କର୍ମୀମାନେ ପାଛୋଟି ଆଣିଥିଲେ। ପୀଠରେ ପୂଜାର୍ଚ୍ଚନା କରି ଆଶ୍ରୀର୍ବାଦ ନେବା ପରେ ଉଭୟ ଦଳର କର୍ମୀଙ୍କ ମିଳନ ହୋଇଥିଲା।

**ବଜ୍ରପାତ ଯୋଗୁ ଅଗ୍ନିକାଣ୍ଡ**

ଦଶପଲ୍ଲା,(ପ୍ରକାଶ କୁମାର ପାଣି): ରବିବାର ସନ୍ଧ୍ୟାରେ ଦଶପଲ୍ଲାରେ କାଳବୈଶାଖୀ ପ୍ରଭାବରେ ଘଟିଥିବା ବଜ୍ରପାତ୍ରରେ ଅଗ୍ନିକାଣ୍ଡ ଘଟି ୨ ବଖରା ପୋଡ଼ି ଯାଇଛି । ଏଥିରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବନ୍ଧୁଗାଁର ଅପୂର୍ବ ନାୟକଙ୍କ ୨ ବଖରା ଘର ପୋଡିଯାଇଛି। ବହୁ ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି । ଖବରପାଇ ଦଶପଲ୍ଲା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ।



# ରୋଚକ ସ୍ଥିତିରେ ନୟାଗଡ଼ ରାଜନୀତି

ନୟାଗଡ଼,୭।୪(ଲୋକନାଥ ମିଶ୍ର)

- କଂଗ୍ରେସକୁ ମିଳୁନି ଭଲ ପ୍ରାର୍ଥୀ
- ପ୍ରତ୍ୟୁଷାଙ୍କୁ ଭାଜପା ଟିକେଟ୍ ପରେ ଚିନ୍ତା
- ରଣନୀତି ପ୍ରସ୍ତୁତ କରୁଛନ୍ତି ଅରୁଣ,ଇରାନୀ


ଅରୁଣ ସାହୁ


ପ୍ରତ୍ୟୁଷା ରାଜେଶ୍ୱରୀ ସିଂ

ନୟାଗଡ଼ ନିର୍ବାଚନ ରାଜନୀତି ସରଗରମ ହେବାରେ ଲାଗିଛି । ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଭାଜପା ଟିକେଟ୍ ହାତେଇବା, ଭାଜପା ନେତ୍ରୀ ଇରାନୀ ରାୟ ବିଜେଡିରେ ମିଶି ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କ ସହ କାମ କରିବା ଓ ମନ୍ଦିରରେ ନିୟମ କରାଇ ବିଜେଡି ଭୋଟ ବ୍ୟାଙ୍କ ବଢ଼ାଇବାର ଶପଥ କରିବା ନୟାଗଡ଼ ରାଜନୈତିକ ସ୍ଥିତିକୁ ରୋଚକ କରିଛି । ସେପଟେ ଭଲ ପ୍ରାର୍ଥୀ ଦେବା ଆଳରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ପାରି ସମୟ ଗଡାଇ ଚାଲିବା ଘଟଣା ଦଳର ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ବିଜେଡିର ଗଡ଼ ଭାବେ ନୟାଗଡ଼ ପରିଚିତ ହୋଇ ଆସିଛି । ୨୦୦୦ରୁ ବିଜେଡି ନିଜର ସ୍ଥିତି ବଜାୟ ରଖିଛି । ୧୯୯୦ରେ ଜନତା ଦଳ ଟିକେଟ୍‌ରେ ଭାଗବତ ବେହେରା ବିଧାୟକ ହୋଇଥିଲେ । ୧୯୯୫ ନିର୍ବାଚନରେ ଭାଗବତ ବେହେରାଙ୍କୁ କଂଗ୍ରେସର ସୀତାକାନ୍ତ ମିଶ୍ର ପରାସ୍ତ କରି କଂଗ୍ରେସର ସ୍ଥିତିକୁ ମଜଭୁତ କରିଥିଲେ । ତେବେ ରାଜ୍ୟରେ କଂଗ୍ରେସର ବିପର୍ଯ୍ୟୟ ଆରମ୍ଭ ହେବାରୁ ୨୦୦୦ରେ ଭାଗବତ ବେହେରା ବିଜେଡି ଟିକେଟ୍‌ରେ ବିଜୟୀ ହୋଇଥିଲେ । ଏହା ପରଠାରୁ କଂଗ୍ରେସର ସ୍ଥିତି ନୟାଗଡ଼ରେ ଆଉ ଭଲ ନାହିଁ । ଏବେ ଦଳକୁ ଭଲ ପ୍ରାର୍ଥୀ ବି ମିଳୁ ନାହାନ୍ତି । ଭାଗବତ ବେହେରାଙ୍କ ପରଲୋକ ପରେ ସ୍ତ୍ରୀ ମନ୍ଦାକିନୀ ବେହେରା ଉପ ନିର୍ବାଚନରେ ପ୍ରାର୍ଥୀ ହୋଇ ବିଜେଡି ଗଡ଼କୁ ସୁରକ୍ଷା ଦେଇଥିଲେ । ତେବେ ୨୦୦୪ ନିର୍ବାଚନରେ ମନ୍ଦାକିନୀ ଆଉ ବିଜେଡି ଟିକେଟ୍ ପାଇ ନ ଥିଲେ । ୨୦୦୪ରେ ବିଜେଡି ପ୍ରାର୍ଥୀ ଭାବେ ଅରୁଣ ସାହୁ ନିର୍ବାଚନ ଲଢ଼ି ବିଜୟୀ ହୋଇ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । ୨୦୦୪ ପରଠାରୁ ଅରୁଣ ସାହୁ ଲଗାତର ବିଜୟୀ ହୋଇ ଆସୁଛନ୍ତି । ଅରୁଣଙ୍କ ନାଁରେ ଅପବାଦର ସ୍ୱର ଉଠିଥିଲେ ହେଁ ପରାଜୟର ସ୍ୱାଦ ଏଯାବତ ଚାଖି ନାହାନ୍ତି । ଅରୁଣ ସାହୁ ୨୦୦୪, ୨୦୦୯, ୨୦୧୪, ୨୦୧୯ ନିର୍ବାଚନରେ ଲଗାତର ୪ଥର ବିଜୟୀ ହୋଇ ଜିଲାରେ ଅପ୍ରତିଦ୍ୱନ୍ଦ୍ୱି ନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ୨୦୧୯ ନିର୍ବାଚନରେ ଅରୁଣଙ୍କ ସହ ଭାଜପା ନେତ୍ରୀ ଇରାନୀ ରାୟଙ୍କ ଘମାଘୋଟ ଲଢ଼େଇ ହୋଇଥିଲା । ୨୦୨୪ରେ ପୁଣି ଭାଜପାରୁ ପ୍ରାର୍ଥୀ ହେବା ପାଇଁ ଇରାନୀ ନିଜର ସଙ୍ଗଠନ କରିଥିଲେ । ହେଲେ ନିର୍ବାଚନ ପୂର୍ବରୁ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ରଣନୀତି ଇରାନୀଙ୍କୁ ଦଳ ଛାଡିବାକୁ ବାଧ୍ୟ କରିଥିଲା । ପ୍ରତ୍ୟୁଷା ଭାଜପା ଟିକେଟ୍ ହାତେଇ ନେଇଥିବାବେଳେ ଇରାନୀ ଦଳବଦଳ କରିବାକୁ ବାଧ୍ୟ ହୋଇଥିଲେ । ଇରାନୀ ବିଜେଡିରେ ସାମିଲ ହୋଇ ବିରୋଧି ଅରୁଣଙ୍କ ସହ ମିଶି ଭାଜପାକୁ ହରାଇବାକୁ ଲାଗି ପଡିଛନ୍ତି । ସେପଟେ ଭାଜପା ନେତ୍ରୀ ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ସହାୟତାରେ ବାଇକ୍ ରାଲି କରାଇ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ଅନ୍ୟପକ୍ଷେ ବିଜେଡି ଗଡ଼କୁ ଭାଙ୍ଗି ଭାଜପାର ପତାକା ଉଡାଇବାକୁ ପ୍ରତ୍ୟୁଷା ଉଦ୍ୟମ ଜାରି ରଖିଛନ୍ତି । ତେବେ ଅରୁଣ ପଛରେ ପଡି ନାହାନ୍ତି । ପୁରୀ ଏମ୍‌ପି ପ୍ରାର୍ଥୀ ଅରୁପ ପଟ୍ଟନାୟକ ଓ ଇରାନୀ ରାୟଙ୍କୁ ନେଇ ଦଳୀୟ ସଭା କରାଇ ନିଜର ସ୍ଥିତିକୁ ପ୍ରଦର୍ଶନ କରିଛନ୍ତି । ତେବେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବା ଓ ବିଜେଡି ପାଇଁ କାମ କରିବା ପରି ପ୍ରସଙ୍ଗକୁ ଭିତ୍ତି କରି ଦୂତିକେଶ୍ୱର ମନ୍ଦିରରେ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ବିଜେଡିର ଜଣେ ଜିଲା ପରିଷଦ ସଭ୍ୟ ନିୟମ କରାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଭାଜପା ନେତ୍ରୀ ଏନେଇ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଅବଗତ କରାଇ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାବେଳେ ଅରୁଣ ଓ ପ୍ରତ୍ୟୁଷାଙ୍କ ମଧ୍ୟରେ ଏବେଠାରୁ ମହାସଂଗ୍ରାମ ଆରମ୍ଭ ହୋଇ ସାରିଲାଣି । ଉଭୟେ ବିଜୟୀ ହେବା ପାଇଁ ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଜୟନ୍ତୀ


@ ନିର୍ମଳ


@ ସସ୍ମିତା


@ ସୁରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଘୋଷିତ ବିଦ୍ୟୁତ କାଟ୍ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

## ପାଣି ପାଇଁ ଡହଳବିକଳ ଗ୍ରାମବାସୀ

ଖଣ୍ଡପଡ଼ା,୭।୪ (ଅଜୟ କୁମାର ମହାରଣା)

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହେଉଛନ୍ତି। ଏପରି ସ୍ଥିତିରେ ଅଘୋଷିତ ବିଦ୍ୟୁତ କାଟ୍ ଜନଜୀବନକୁ ପ୍ରଭାବିତ କରିଛି । ଦିନରେ ତାପମାତ୍ରା ୪୦ ଡ଼ିଗ୍ରୀରୁ ଉର୍ଦ୍ଧ୍ୱରେ ରହୁଥିବା ବେଳେ ରାତିରେ ଗୁଳୁଗୁଳି ସାଙ୍ଗକୁ ମଶାଙ୍କ ଦୌରାତ୍ମ୍ୟରେ ଅଞ୍ଚଳବାସୀ ନିଦ ହଜାଇ ଦେଇଛି । ତେବେ ରବିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ଯୋଗୁଁ କେତେକ ଅଞ୍ଚଳବାସୀ ଆଶ୍ୱସ୍ତ ଅନୁଭବ କରୁଛନ୍ତି ।

ସୂଚନା ଅନୁଯାୟୀ, ଏକ ପାହାଡ଼ିଆ ଓ ଜଳକ୍ଲିଷ୍ଟ ଅଞ୍ଚଳ ରୂପେ ପରିଚିତ ଖଣ୍ଡପଡ଼ା ବ୍ଲକ୍‌ର ଅଧିକାଂଶ ଗ୍ରାମରେ ଏବେ ପାନୀୟଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି। ସମୟାନୁକ୍ରମେ ତାପମାତ୍ର ବୃଦ୍ଧି ପାଇବା ସହ ବିଭିନ୍ନ ସ୍ଥାନରେ ଥିବା ଜଳଉତ୍ସ ଶୁଖିବାରେ ଲାଗିଛି। ଜଳସ୍ତର ନିମ୍ନଗାମୀ ହେବା ଯୋଗୁଁ ବିଭିନ୍ନ ଗାଁରେ ନଳକୂପ ସଚଳ ଥାଇ ମଧ୍ୟ ପାଣି ମୁନ୍ଦାଏ ବାହାରୁ ନାହିଁ। ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଅଞ୍ଚଳବାସୀ କହିଛନ୍ତି । ବାଲ୍‌ଟିଏ ପାନୀୟ ଜଳ ସଂଗ୍ରହ ନିମନ୍ତେ ମହିଳାମାନେ ହନ୍ତସନ୍ତ ହେଉଛନ୍ତି ।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବିଦ୍ୟୁତ ସବ୍‌ଡିଭିଜନ ଅଧୀନ ଖଣ୍ଡପଡ଼ା, କଣ୍ଟିଲୋ, ବାଣପୁର, ପଥରଚକଡା, ସିଧାମୂଳା,ବନମାଳୀପୁର, ବାଇଗୁଣିଆ, ବାଘୁଆପଲ୍ଲୀ, ଜଗନ୍ନାଥ ପ୍ରସାଦ, ରାଣୀଛେଲ୍ଲୀ, ବେଣାଗାଡିଆ ଆଦି ପଞ୍ଚାୟତରେ ପ୍ରତିଦିନ କିବା ରାତି ଓ ଦିନରେ ଘନଘନ ବିଦ୍ୟୁତ କାଟକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛିଦିନ ଧରି ବାରମ୍ବାର ବିଦ୍ୟୁତ ସରବରାହ ବନ୍ଦ ରହିବା ଯୋଗୁ ଗ୍ରୀଷ୍ମ ପ୍ରବାହ ସମୟରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି । ଉପଭୋକ୍ତାମାନଙ୍କୁ ଉପଯୁକ୍ତ ବିଦ୍ୟୁତ ସେବା ଯୋଗାଇ ଦେବାରେ ଟିପିସିଓଡିଏଲ(ବିଦ୍ୟୁତ ବିତରକ କଂପାନୀ) ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି । ଏହାର ପ୍ରତିକାର ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଉପଭୋକ୍ତାମାନଙ୍କୁ ଅଧିକ ବ୍ୟଥିତ କରୁଛି । ଏଥପାଇଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ଯୋଗାଯୋଗ କଲେ ମଧ୍ୟ ସମ୍ଭବ ହେଉନି। ଯଦି ଯୋଗାଯୋଗ ହେଉଛି ସନ୍ତୋଷଜନକ ଉତ୍ତର ମିଳୁନି । କେତେବେଳେ ଏହି ବ୍ୟବସ୍ଥା ସ୍ୱାଭାବିକ ହେବ ସେ ସମ୍ପର୍କରେ କୌଣସି ସୂଚନା ମିଳୁ ନାହିଁ । ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ କାଟ ନ କରିବାକୁ ରାଜ୍ୟ ସରକାର ବିଦ୍ୟୁତ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଖଣ୍ଡପଡା ଅଞ୍ଚଳରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଟ୍ୟାଙ୍କର ଯୋଗେ ଜଳକ୍ଲିଷ୍ଟ ଗ୍ରାମଗୁଡ଼ିକୁ ପାନୀୟଜଳ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।


ଗ୍ରୀଷ୍ମପ୍ରବାହ ଯୋଗୁଁ ଖଣ୍ଡପଡା ରାସ୍ତା ଜନଶୂନ୍ୟ।

## କାଦୁଆ ଗଡିଶ୍ୱର ମହାଦେବଙ୍କ ୧୫୬ ପାଟଦଣ୍ଡ



ଖଣ୍ଡପଡ଼ା,୭।୪(ଅଜୟ କୁମାର ମହାରଣା)

### ଆଶ୍ୱସ୍ତ କଲା କାଳ ବୈଶାଖୀ ବର୍ଷା

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କାଦୁଆ ଗଡିଶ୍ୱର ମହାଦେବଙ୍କ କୋଠିରେ ୧୫୬ ପାଟଦଣ୍ଡ ମହୋତ୍ସବ ପାରମ୍ପରିକ ରୀତିରେ ପ୍ରତିବର୍ଷ ପରି ରବିବାର ପାଳିତ ହୋଇ ଯାଇଛି । ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିବା ବେଳେ ମାନସିକଧାରୀ ଦଣ୍ଡୁଆମାନେ ମଧ୍ୟ ଏଥିରୁ ବର୍ତ୍ତି ନ ଥିଲେ । ମାତ୍ର ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ସମସ୍ତଙ୍କ ମଧ୍ୟରେ ଆସ୍ୱସ୍ତି ଆଣିଥିଲା । କାଦୁଆ, ମାଧବେରେଣୀ, ଶରପୋଖରୀ, କୁବେଲୀ, ଗଡ଼ିଆସାହି, ଗୋଛାବାରୀ, ପଥରଗଣ୍ଡ, ଖୁଣ୍ଟୁବନ୍ଧ, ସିଘାଂପଡ଼ା ଆଦି ୨୮ ମୌଜା ଗ୍ରାମବାସୀଙ୍କ ସହାୟତାରେ ଗୋଟିଏ କୋଠିରେ ୧୫୬ ମୁଠା ଦଣ୍ଡ ଅପରାହ୍ନ ପ୍ରାୟ ସାଢେ ୪ଟାରେ ନିକଟସ୍ଥ କାଦୁଆ ତୋଟା ଠାକୁରଙ୍କ ପୋଖରୀ ସ୍ନାନ ପୂଜା ସମ୍ପନ୍ନ କରିବା ପରେ ଗଡିଶ୍ୱର ମନ୍ଦିର ବେଢା ପରିକ୍ରମା କରିଥିଲେ । ପରେ ଗ୍ରାମ କୋଠି ପରିକ୍ରମା କରି ଗାଁ ପରିକ୍ରମା କରିଥିଲେ । ଠାକୁରଙ୍କୁ ଗ୍ରାମ ବିଜେ କରାଇ ପ୍ରତିଦ୍ୱାରରେ ଠାକୁର ପୂଜା ପାଇଥିଲେ । ପରେ ଠାକୁର ଲୋଚନ ପାଣିଙ୍କ ନିମନ୍ତ୍ରଣ କ୍ରମେ ସିଂଘାପଡା ଗ୍ରାମକୁ ବିଜେ ହୋଇଥିଲେ । ଗ୍ରାମବାସୀ ଦାଣ୍ଡ ରାସ୍ତା ପରିଷ୍କାର କରି ଗୋବରରେ ଲିପାପୋଛା କରିଥିଲେ । ପ୍ରତିଦ୍ୱାରରେ ଦୀପ ଓ କଳସ ବସାଇବା ସହ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଏହା ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଦଣ୍ଡୁଆମାନଙ୍କ 'କଳା ରୁଦ୍ରମଣି ଭଜେ, କାଶୀ ବିଶ୍ୱନାଥ, କୈଳାସ କନ୍ଦରୁ ଯୋଗ ନିଦ୍ରା ଭାଙ୍ଗିବାକୁ ଆଜ୍ଞା ହେଉ ହେ ମଣିମା' ଡାକରେ ତଥା ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ହରିବୋଲ ହୁଳହୁଳି ଶବ୍ଦ ପରିବେଶ ଫାଟି ପଡ଼ିଥିଲା । ଠାକୁରଙ୍କ ଯାତ୍ରା ସମ୍ପନ୍ନ ପରେ ବିଳମ୍ବିତ ରାତିରେ ଦଣ୍ଡ ଠାକୁର କୋଠିକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

## ପାଣି ପାଇଁ ଗାଁ ମୁହାଁ ହାତୀପଲ

ରଣପୁର,୭।୪(ସୁକାନ୍ତ କିଶୋର ଡାକୁଆ)

ଗତ କିଛିଦିନ ହେବ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିଲା । ଏଥିପାଇଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେଉଥିଲାବେଳେ ବନ୍ୟଜନ୍ତୁ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଜଙ୍ଗଲରେ ପାଣିର ସଙ୍କଟ ଦେଖା ଦେଉଥିବାରୁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି । ବିଶେଷ କରି ହରିଣ, ବାର୍ହା, ବିଲୁଆ, ହାତୀପଲ ପାଣି ଆଶାରେ ଗାଁ ଭିତରକୁ ପଶି ଆସୁଛନ୍ତି । ଏଥିପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି । ଶନିବାର ରାତିରେ ମୟୂରଝାଲିଆ ଗାଁ ନିକଟରେ ୧୬ଟି ହାତୀଥିବା ପଲକୁ ଦେଖି ଲୋକେ ଭୟଭୀତ ହୋଇପଡିଥିଲେ । ଗ୍ରାମବାସୀଙ୍କଠାରୁ ଖବର ପାଇ ରଣପୁର ବନ ବିଭାଗ କର୍ମଚାରୀମାନେ ହାତୀ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ । ସେମାନେ ଡ୍ରୋନ୍ ସାହାଯ୍ୟରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। ପରେ ହାତୀ ଘଉଡ଼ାଇବାକୁ ବନ ବିଭାଗ ଆରମ୍ଭ କରିଥିଲା ଅପରେଶନ । ଦୀର୍ଘ ସମୟ ପର୍ଯ୍ୟନ୍ତ ବନ ବିଭାଗ କର୍ମଚାରୀମାନେ ଉଦ୍ୟମ କରିବା ପରେ ହାତୀପଲ ଜଙ୍ଗଲକୁ ପଳାଇ ଯାଇଥିବା ସୂଚନା ମିଳିଛି । ଏହି ହାତୀ ପଲରେ ୪ ଦନ୍ତା, ୬ ମାଈ ହାତୀ ସହ ୬ ଛୁଆ ହାତୀ ଥିବା ବନ ବିଭାଗ କହିଛି । ଏହି ହାତୀ ପଲ ବିଭନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରୁଥିବା ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି । ସେମାନଙ୍କ ପାଇଁ ଜଙ୍ଗଲରେ ପାଣିର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।


ଜଙ୍ଗଲ ନିକଟସ୍ଥ ରାସ୍ତା ପାରି ହେଉଛନ୍ତି ହାତୀପଲ।

## ଅଷ୍ଟଶମ୍ଭୁଙ୍କ ମହାମିଳନ ପର୍ବ ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୭।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମଧୁବନ କ୍ରୀଡ଼ାଙ୍ଗନରେ ଆସନ୍ତା ୧୦ ତାରିଖ ବୁଧବାର ଅପରାହ୍ନରେ ଅଷ୍ଟଶମ୍ଭୁଙ୍କ ମହାମିଳନ ପର୍ବ ଅନୁଷ୍ଠିତ ହେବ। ଦ୍ୱିତୀୟ ବାର୍ଷିକ ମହାମିଳନ ପର୍ବରେ ସ୍ଥାନାଧିପତି ଖଣ୍ଡପଡ଼ାର ଆରାଧ୍ୟ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ବିମାନ ଯୋଗେ ପ୍ରଥମେ ସେଠାକୁ ନିଆଯିବ ବୋଲି ମା'ବେଢାକାଳୀ ଦଣ୍ଡକାମନା କୋଠିର ଭକ୍ତମାନେ ସୂଚନା ଦେଇଛନ୍ତି । ସେହିପରି ଏକ ବିରାଟ ଶୋଭାଯାତ୍ରାରେ ବିମାନ ଯୋଗେ ବେଣାଗାଡ଼ିଆ ଓ ଗୁଣ୍ଟୁଣୀ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ମଙ୍ଗଳପୁର ଓ ରାଣୀପଡ଼ା ଗ୍ରାମର ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବ, ଶିଖରପୁର ଗ୍ରାମର ପ୍ରଭୁ ଶ୍ରୀ ଲିଙ୍ଗରାଜ ଦେବ, ଖପରମଲ୍ଲ ଗ୍ରାମର ପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ଦେବ, ବରପଲ୍ଲୀ ଗ୍ରାମର ଶ୍ରୀ କପିଳେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ମେଳଣ ସ୍ଥଳକୁ ବିଜେ କରିବେ । ଅଷ୍ଟଶମ୍ଭୁଙ୍କ ମିଳନ ପର୍ବ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ପୋଲିସ ପକ୍ଷରୁ ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଭାପୁରରେ ନକଲି ଶିକ୍ଷୟିତ୍ରୀ,ଶିକ୍ଷକ ନିଯୁକ୍ତି ନେଇ ଚର୍ଚ୍ଚା

ଭାପୁର,୭।୪(ଭରତ କୁମାର ବେହେରା )

ରାଜ୍ୟରେ ନକଲି ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ନେଇ ଚର୍ଚ୍ଚା ଜୋର ଧରିଛି । ନକଲି ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅଭିଯୋଗ ରହିଛି। ଏବେ ନୟାଗଡ଼ ଜିଲା ଭାପୁର ଅଞ୍ଚଳରେ ଏଭଳି ନକଲି ଶିକ୍ଷୟିତ୍ରୀ ଶିକ୍ଷକ ଥିବା ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, କିଛି ଦିନ ତଳେ ଫତେଗଡ଼ ଥାନା ଅନ୍ତର୍ଗତ ଗୋଳାପୋଖରୀ ଗ୍ରାମର ଜଣେ ନକଲି ଶିକ୍ଷୟିତ୍ରୀଙ୍କ ନାମରେ ମାମଲା ରୁଜୁ ହୋଇଛି। ନୟାଗଡ ଜିଲ୍ଲା ଫତେଗଡ଼ ଥାନା ଅଧୀନ ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର କୁମୁଦିନୀ ପଣ୍ଡା ୨୦୧୨ରେ ବୌଦ୍ଧ ଜିଲା ଶିକ୍ଷାବିଭାଗରେ ଶିକ୍ଷୟିତ୍ରୀ ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତ ରାଣୀଗଞ୍ଜ ପ୍ରାଥମିକ ବିଦ୍ୟାଳୟରେ ସେ କାର୍ଯ୍ୟରତ ଅଛନ୍ତି। ୨୦୧୯ରେ ଓଟିଇଟି ସାର୍ଟିଫିକେଟ ଆଧାରରେ ସେ ନିୟମିତ ହୋଇଥିଲେ। ତାଙ୍କର ଓଟିଇଟି ସାର୍ଟିଫିକେଟ ଯାଞ୍ଚ ବେଳେ ତାହା ନକଲି ବୋଲି ଜଣାପଡିଥିଲା। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଜିଲା ଶିକ୍ଷାବିଭାଗକୁ ଶିକ୍ଷୟିତ୍ରୀ କୁମୁଦିନୀଙ୍କ ଓଟିଇଟି ପ୍ରମାଣପତ୍ର ନକଲି ବୋଲି ରିପୋର୍ଟ ଦେଇଥିଲେ। ଏହାପରେ ହରଭଙ୍ଗା ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ଲୁହା ନିକଟସ୍ଥ ପୁରୁଣା କଟକ ଥାନାରେ ଶିକ୍ଷୟିତ୍ରୀ କୁମୁଦିନୀଙ୍କ ନାମରେ ଅଭିଯୋଗ କରିଥିଲେ। ଫଳରେ ସଂପୃକ୍ତ ଶିକ୍ଷୟିତ୍ରୀ ଫେରାର ଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ଭାପୁର ବ୍ଲକ୍‌ରେ ଏକାଧିକ ପଞ୍ଚାୟତରେ ଯୁବତୀ ଯୁବକ ଜିଲା ଓ ଜିଲା ବାହାରେ ଜାଲ ସାର୍ଟିଫିକେଟ ଦେଇ ଚାକିରୀ କରୁଥିବା ସୂଚନା ମିଳିଛି। ଏହି ଜାଲ ସାର୍ଟିଫିକେଟର ଏକ ର୍ୟାକେଟକୁ ଭାପୁର ବ୍ଲକର କେତେଜଣ ଯୁବକ ମିଶି ଚଳାଉଥିବା ଚର୍ଚ୍ଚା ହେଉଛି। ପ୍ରଥମେ ସାର୍ଟିଫିକେଟ ପାଇଁ ୧୦ରୁ ୧୫ହଜାର ଟଙ୍କା ଦେଲେ ପ୍ରସ୍ତୁତ କରାଯାଇ ଶିକ୍ଷା ବିଭାଗରେ ନିଯୁକ୍ତି ପାଇଗଲା ପରେ ପୁଣି ତାଙ୍କୁ ଅସଲି କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରାଯାଉଛି। ଏଥିପାଇଁ ୧୫ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଅନ୍ୟପକ୍ଷେ ଜାଲ ସାର୍ଟିଫିକେଟ ଦେଇ ଚାକିରୀ ପାଇଲା ପରେ କିଛି ବର୍ଷ ପରେ ଅତି ଚତୁରତାର ସହିତ ରାଜନୈତିକ ଚାପ କିମ୍ବା କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଧରି ଅନ୍ୟ ସ୍ଥାନକୁ ବଦଳି କରି ନିଆଯାଉଛି। ଭାପୁର ବ୍ଲକର ଗୋଳାପୋଖରୀ, ପଦ୍ମାବତୀ, ଫତେଗଡ , ଚକ୍ରଧରପ୍ରସାଦ ଅନେକ ପଞ୍ଚାୟତର ଶତାଧିକ ଯୁବତୀ ଯୁବକ ଜାଲ ସାର୍ଟିଫିକେଟ ଦେଇ ବାହାର ଜିଲାରେ ନିଯୁକ୍ତି ହୋଇଥିବା ଭାପୁର ଶିକ୍ଷାବିଭାଗରୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହି ର୍ୟାକେଟ୍‌କୁ ନେଇ ବହୁ ବର୍ଷ ଧରି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଶିକ୍ଷାବିଭାଗ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଜଣାପଡିଛି । ଫଳରେ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ଘଟିବା ସହିତ ମେଧାବୀ ଆଶାୟୀ ଯୁବତୀ,ଯୁବକଙ୍କ ଭାଗ୍ୟ ନାଲି ଫିତା ତଳେ ଚାପି ହୋଇ ରହି ଯାଇଛି।

ଏନେଇ ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଫତେଗଡ ପଞ୍ଚାୟତ ମାଣିକିଆ ପିଠାଖାଇ ପ୍ରାଥମିକ ସରକାରୀ ବିଦ୍ୟାଳୟରେ ଜୟନ୍ତୀ ସାହୁ ନାମକ ଜଣେ ଶିକ୍ଷୟିତ୍ରୀ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଥିଲେ । ତାଙ୍କ ଭାଇ ଭଉଣୀଙ୍କ ମଧ୍ୟରେ କଳହ ଯୋଗୁ ଅସଲ କଥା ଜଣାପଡିଥିଲା। ନକଲି ସିଟି ସାର୍ଟିଫିକେଟ ଦେଇ ଚାକିରୀ କରିଥିବାରୁ ୨୦୨୧ରେ ଭାପୁର ବ୍ଲକ ଶିକ୍ଷାବିଭାଗ ତରଫରୁ ଫତେଗଡ ଥାନାରେ ଅଭିଯୋଗ କରାଯାଇଥିଲା। ଫତେଗଡ଼ ଥାନା ପକ୍ଷରୁ ଏକ ମାମଲା(ନଂ. ୧୫୮/୨୧) ରୁଜୁ କରାଯାଇଥିଲା। ସେହିପରି ଭୋଗଡା ଗ୍ରାମରେ ଜଣେ ବ୍ୟକ୍ତି ଜାଲ ଜାତିଗତ ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ଜଣାପଡିଥିଲା। ଓଡ଼ିଶା ମାଧ୍ୟମିକ ଶିକ୍ଷା ବିଭାଗ ୨୦୨୪ ଜାନୁଆରୀ ୨୫ରେ ଜିଲାର ଡିଇଓଙ୍କୁ ଜାଲ ସାର୍ଟିଫିକେଟ ଯାଞ୍ଚ ପାଇଁ ଚିଠି ହୋଇଥିଲା।

